

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୩ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 APRIL 2021

Vol.No. 32 ■ No. 103 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷ୍ଣୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପଶ୍ଚିମବଙ୍ଗରୁ ଚିହ୍ନଟ ହେଲା କରୋନା ଭାଇରସର ସାଙ୍ଘାତିକ ରୂପ

ଟିକା ନେଇଥିଲେ ବି କରିପାରେ ସଂକ୍ରମିତ, ଓଡିଶାକୁ ରହିବାକୁ ହେବ ସତର୍କ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ମହାରାଷ୍ଟ୍ରରେ ଡବଲ୍ ମ୍ୟୁଟାଂଟ କରୋନା ଭୂତାଣୁ ସାଂଘାତିକ ସ୍ଥିତି ସୃଷ୍ଟି କରିଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ଚିହ୍ନଟ ହୋଇଛି ଟ୍ରିପଲ୍ ମ୍ୟୁଟାଂଟ କରୋନା ଭୂତାଣୁ । ଏହାକୁ ବେଙ୍ଗଲ ଷ୍ଟ୍ରେନ୍ ମଧ୍ୟ କୁହାଯାଉଛି । ଡବଲ୍ ମ୍ୟୁଟାଂଟ ଭୂତାଣୁ ଅର୍ଥାତ ବି-୧-୬୧୭ କରୋନା ଭୂତାଣୁ ଯୋଗୁଁ ମହାରାଷ୍ଟ୍ରରେ ନିଆଁ ଭଳି ସଂକ୍ରମଣ ବ୍ୟାପୁଥିବା କୁହାଯାଉଛି । ଏପଟେ ପଶ୍ଚିମବଙ୍ଗରେ ଚିହ୍ନଟ ହୋଇଥିବା ଟ୍ରିପଲ୍ ମ୍ୟୁଟାଂଟ ଭୂତାଣୁକୁ ବି-୧-୬୧୮ ନାଁ ଦେଇଛନ୍ତି ଭୂତାଣୁବିତ୍ । ଏହା ଅଧିକ ସଂକ୍ରାମକ ଏବଂ ଅଧିକ ସାଂଘାତିକ ବୋଲି କୁହାଯାଉଛି । ପଡ଼ୋଶୀ ପଶ୍ଚିମବଙ୍ଗରେ ଏହା ଚିହ୍ନଟ ହୋଇଥିବାରୁ ଓଡ଼ିଶାରେ ଏହି ଭୂତାଣୁ ସଂକ୍ରମଣ କରିବା ସମ୍ଭାବନା ଅଧିକ । କାରଣ ପ୍ରତିଦିନ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବହୁ ଲୋକ ଯିବା ଆସିବା କରିଥାନ୍ତି । ନଜର ପକାନ୍ତୁ ଭୂତାଣୁର ମ୍ୟୁଟେସନ୍ କାହିଁକି ହୁଏ ଏବଂ କ'ଣ ଏହି ଟ୍ରିପଲ୍ ମ୍ୟୁଟାଂଟ । ତିନିଟି ଭିନ୍ନ ଭିନ୍ନ କୋଭିଡ୍ ଷ୍ଟ୍ରେନ୍ ମିଶି ଏକ ନୂଆ ଷ୍ଟ୍ରେନ୍ ସୃଷ୍ଟି ହେବା, ଅର୍ଥାତ ୩ଟି ପ୍ରଜାତି ମିଶି ନୂଆ ପ୍ରଜାତିର ଭୂତାଣୁ ସୃଷ୍ଟି ହେବା, ଭୂତାଣୁ ସବୁବେଳେ ରୂପ ବଦଳାଉଥାଏ, କିଛି ରୂପାନ୍ତର ଭୂତାଣୁକୁ ଦୁର୍ବଳ କରିଥାଏ, କିଛି ରୂପାନ୍ତର ଭୂତାଣୁକୁ ଶକ୍ତିଶାଳୀ କରିଥାଏ, ସଂକ୍ରମଣ ଯେତେ ଅଧିକ ବ୍ୟାପେ, ▶▶ପୃଷ୍ଠା ୭

ଯୁକ୍ତ ୨ ପରୀକ୍ଷା ବାତିଲ ଦାବି କଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଦଶମ ଶ୍ରେଣୀ ପରୀକ୍ଷା ବାତିଲ ପରେ ଯୁକ୍ତ ୨ ପରୀକ୍ଷା ବାତିଲ କରିବାକୁ ଦାବି କରିଛନ୍ତି ଛାତ୍ରଛାତ୍ରୀ । ଗୁରୁବାର ଦିନ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଠାରେ ଏକାଧିକ କଲେଜର ଛାତ୍ରଛାତ୍ରୀ ପରୀକ୍ଷା ବାତିଲ ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅପରପକ୍ଷରେ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ କହିଛନ୍ତି,ଯୁକ୍ତ ଦୁଇ ପରୀକ୍ଷା ସମ୍ପର୍କରେ ବର୍ତମାନ ନିଷ୍ପତି ନିଆଯାଇନାହିଁ । ଜୁନ୍ ମାସ ପ୍ରଥମ ସପ୍ତାହରେ ସେତେବେଳେ ସ୍ଥିତିକୁ ନଜରରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମରେ ଆଗକୁ କାର୍ଯ୍ୟ କରାଯିବ । ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନେ ବ୍ୟସ୍ତ ନହୋଇ ଅପେକ୍ଷା କରି ଅଧ୍ୟୟନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ ଶ୍ରୀ ଦାଶ ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୧୪,୮୩୫ ନୂଆ ମାମଲା

ନୂଆଦିଲ୍ଲୀ,୨୨/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୧୪,୮୩୫ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨,୧୦୪ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୫୯,୩୦,୯୬୫ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୨,୯୧,୪୨୮ ଥିବା ବେଳେ ବର୍ତମାନ ସୁଦ୍ଧା ୧,୮୪,୬୫୭ ଜଣ ମୃତ୍ୟୁ ବରଣ କରିଛନ୍ତି ।

ଦିଲ୍ଲୀକୁ ଅକ୍ସିଜେନ ଯୋଗାଇଥିବାରୁ ଓଡିଶାକୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ଦିଲ୍ଲୀ କୋଟାର ଅକ୍ସିଜେନ ଯୋଗାଣରେ ସହାୟତା କରିଥିବାରୁ ଟ୍ୱିଟ କରି ଧନ୍ୟବାଦ ଜଣାଇଛନ୍ତି ଅରବିନ୍ଦ କେଜ୍ରିୱାଲ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସହ ଫୋନରେ କଥା ହୋଇଥିଲେ । ଦିଲ୍ଲୀକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅନୁସାରେ ଦିଲ୍ଲୀ କୋଟାର ଆକ୍ସିଜେନ ଓଡିଶାରୁ ବିମାନ ଯୋଗେ ଦିଲ୍ଲୀ ପଠାଯାଉଛି । ଏପରିକି ରାଜ୍ୟ ପ୍ରଶାସନର ଜଣେ ଅଧିକାରୀ ଏହାକୁ ନେଇ ଯାଉଥିବା ସୂଚନା ମିଳିଛି । ଦିଲ୍ଲୀରେ କରୋନାର ସଂକ୍ରମଣ ଦିନକୁ ଦିନ ଭୟାବହ ହେଉଥିବାବେଳେ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା କ୍ରମାଗତ ବଢିଚାଲିଛି । ରୋଗୀଙ୍କୁ ଅକ୍ସିଜେନର ଆବଶ୍ୟକତା ପଡୁଛି । ତେଣୁ କେନ୍ଦ୍ର ସରକାରଙ୍କ ସମେତ ବିଭିନ୍ନ ରାଜ୍ୟ ସରକାର ଏହି ସଂକଟ ସମୟରେ ସହାୟତା ପାଇଁ ଆଗେଇ ଆସିଛନ୍ତି । ବିଶେଷ କରି ଓଡିଶା ସରକାର ଦିଲ୍ଲୀକୁ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

ରମାଦେବୀ ଛାତ୍ରୀ ଝରାଫୁଲ ହତ୍ୟାର ଫିଟିଲା ଗୁମର

ନାକ, ପାଟିକୁ ବନ୍ଦ କରି ହତ୍ୟା କରିଥିଲା ରାକେଶ

- ଧାର ଟଙ୍କା ଫେରାଇବା ପାଇଁ ବାରମ୍ବାର କହୁଥିଲେ ଝରାଫୁଲ
- ରାସ୍ତାରୁ ହଟାଇ ଦେବାକୁ ଓୟୋ ରୁମକୁ ନେଇ ରଚିଥିଲା ଷଡଯନ୍ତ୍ର

ଭୁବନେଶ୍ୱର,୨୨/୦୪ (ନି.ପ୍ର): ବହୁ ଚର୍ଚ୍ଚିତ ରମାଦେବୀ ଛାତ୍ରୀ ଝରାଫୁଲଙ୍କୁ ହତ୍ୟା କରିଥିଲା ବନ୍ଧୁ ରାକେଶ । ଝରାଫୁଲ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇ ଯାଜପୁର ଏସପି କହିଛନ୍ତି ତାଙ୍କ ନାକ ଓ ପାଟିକୁ ବନ୍ଦ କରି ହତ୍ୟା କରିଥିଲା ରାକେଶ । ଧାର ଟଙ୍କା ଫେରାଇବା ପାଇଁ ଝରାଫୁଲ କହିବାରୁ ତାକୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର ରଚିଥିଲା ଏହି ସଇତାନ । ତାପରେ ଏକ ଜନ୍ମଦିନ ଭୋଜିରେ ଭୁବନେଶ୍ୱର ଆସିଥିବାବେଳେ ଟଙ୍କା ଫେରାଇବାକୁ ମିଛ ପ୍ରତିଶ୍ରୁତି ଦେଓ ଓୟୋ ରୁମରେ ଅପେକ୍ଷା କରିବାକୁ କହିଥିଲା । ଆଉ ତାପରେ ଯୋଜନା ଅନୁଯାୟୀ ମଦ ପିଇବାକୁ ବାଧ କରିଥିଲା । ଏହି ସମୟରେ ଝରାଫୁଲଙ୍କ ନାକ ଓ ପାଟିକୁ ବନ୍ଦ କରି ହତ୍ୟା କରିଥିଲା । ସେ ଏକା ମାରିଥିଲା । କିନ୍ତୁ ମାରିବା ପରେ ମୃତ ଦେହକୁ ଲୁଚାଇବା ପାଇଁ ଷଡଯନ୍ତ୍ରରେ ତାକୁ ଆଉ ଦୁଇ ଜଣ ସହଯୋଗ କରିଥିଲେ । ଜଣେ ସ୍କୁଟିରେ ଝରାଫୁଲଙ୍କ ମୃତ ଦେହ ନେବାରେ ସହଯୋଗ କରିଥିଲା । ତାକୁ ଆଜି ଗିରଫ କରାଯାଇଛି । ଏହା ପୂର୍ବରୁ ୨ ଅଭିଯୁକ୍ତ ଗିରଫ ହୋଇଥିଲେ । ଜାନୁଆରୀ ୨୬ ତାରିଖ ରାତିରେ ଭୁବନେଶ୍ୱରର ଏକ ଗେଷ୍ଟହାଉସର ଝରାଫୁଲଙ୍କର ମୃତ୍ୟୁ ହୋଇଥିଲା । ତାପରଦିନ ସକାଳୁ ଝରାଫୁଲଙ୍କ ମୃତଦେହକୁ ଏକ ସ୍କୁଟିରେ ପ୍ରେମିକ ରାକେଶ ଓ ଶେଖର ଯାଜପୁର କୁଆଖିଆ ପର୍ଯ୍ୟନ୍ତ ନେଇଥିଲେ । ସେଠାରେ ଏକ ନିଛାଟିଆ ସ୍ଥାନ ଦେଖି ମୃତଦେହକୁ ଫୋପାଡି ଦେଇ ଚାଲି ଆସିଥିଲେ । ଏନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ସିସିଟିଭି ଫୁଟେଜକୁ ଆଧାର କରି ରାକେଶକୁ ଜେରା କରିଥିଲା ପୋଲିସ । ପରେ ତାକୁ ଓ ଅନ୍ୟ ଜଣଙ୍କୁ ଗିରଫ କରିଥିଲା ପୋଲିସ । ଏନେଇ ଖୁବଶୀଘ୍ର ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଏସପି କହିଛନ୍ତି ।

ପୁଣି ଘୁଂଚିଲା ପିପିଲି ଉପନିର୍ବାଚନ

ମେ ୧୩ ବଦଳରେ ୧୬ରେ ହେବ ଭୋଟ୍ ଗ୍ରହଣ, ୧୯ରେ ଗଣତି

ଭୁବନେଶ୍ୱର,୨୨/୦୪ (ନି.ପ୍ର): ପୁଣି ଥରେ ଘୁଂଚିଛି ପିପିଲି ଉପନିର୍ବାଚନ । ମେ' ୧୬ ତାରିଖରେ ପିପିଲି ଉପନିର୍ବାଚନ ହେବ । ଏହାର ଦୁଇ ଦିନ ପରେ ଅର୍ଥାତ ୧୯ ତାରିଖରେ ଭୋଟ୍ ଗଣତି ହେବ । ପୂର୍ବରୁ ପିପିଲି ନିର୍ବାଚନ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ କରାଯାଇଥିଲା । ୧୩ ତାରିଖରେ ଇଦ୍-ଉଲ୍-ଫିତର ପଡୁଥିବାରୁ ଉପନିର୍ବାଚନର ତାରିଖକୁ ପୁଣିଥରେ ଘୁଂଚାଯାଇଛି । ନିର୍ବାଚନ କମିଶନଙ୍କ ତରଫରୁ ନୋଟିଫିକେସନ୍ ଆସିବା ପରେ ଗୁରୁବାର ଦିନ ରାଜ୍ୟ ନିର୍ବାଚନ ଅଧିକାରୀ ଏହି ସୂଚନା ଦେଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ଯେ ଏଥର ନିର୍ବାଚନ ଦିନର ୪୮ ଘଂଟା ପରିବର୍ତେ ୭୨ ଘଂଟା ପୂର୍ବରୁ ପ୍ରଚାର ବନ୍ଦ ରହିବ । ଅର୍ଥାତ୍ ପିପିଲିରେ ମେ' ୧୩ ତାରିଖ ସନ୍ଧ୍ୟା ପରଠାରୁ ପ୍ରଚାର କାର୍ଯ୍ୟ ବନ୍ଦ କରାଯିବ । ସେହିପରି ଉପନିର୍ବାଚନ ପାଇଁ କୌଣସି ରାଜନୈତିକ ସଭା ଓ ସମାବେଶକୁ ବାରଣ କରାଯାଇଛି । ଭର୍ଚୁଆଲ୍ ମାଧ୍ୟମରେ ରାଜନୈତିକ ଦଳମାନେ ପ୍ରଚାର କରିପାରିବେ । ସର୍ବାଧିକ ୫ ଜଣଙ୍କୁ ଘରକୁ ଘର ବୁଲି ପ୍ରଚାରରେ ଅନୁମତି ଦିଆଯାଇଛି । ଭୋଟଗ୍ରହଣ କେନ୍ଦ୍ରରେ ସମସ୍ତଙ୍କ ଶରୀର ତାପମାତ୍ରା ମପାଯିବ । ଲକ୍ଷଣ ଦେଖିଲେ ଟୋକନ ଦିଆଯିବ । ଲକ୍ଷଣ ଥିବା ବ୍ୟକ୍ତି ସନ୍ଧ୍ୟା ୫ ପରେ ଭୋଟ୍ ଦେବେ । ସବୁ ଭୋଟରଙ୍କୁ ଭୋଟ ଦେବା ପାଇଁ ଗୋଟିଏ ଲେଖାଏଁ ଗ୍ଲୋଭସ ମିଳିବ ବୋଲି ନିର୍ବାଚନ କମିଶନର ଗାଇଡଲାଇନରେ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ ଏପ୍ରିଲ ୧୭ତାରିଖରେ ପିପିଲି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ଲାଗି ଦିନ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଏପ୍ରିଲ ୧୪ତାରିଖରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ମୃତ୍ୟୁ ଯୋଗୁଁ ଭୋଟଗ୍ରହଣକୁ ସ୍ଥଗିତ ରଖାଯାଇଥିଲା । ଏହା ପରେ ପିପିଲି ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ମେ' ୧୩ତାରିଖରେ ହେବା ପାଇଁ ସାନି ତାରିଖ ଘୋଷଣା କରିଥିଲେ ନିର୍ବାଚନ କମିଶନ ।

କୋଭିଡ ପାଇଁ ଘରୋଇ ହସ୍ପିଟାଲରେ ସଂରକ୍ଷିତ ରହିବ ୫୦% ବେଡ୍

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଏଣିକି କୋଭିଡ ପାଇଁ ଘରୋଇ ହସ୍ପିଟାଲରେ ୫୦ପ୍ରତିଶତ ବେଡ୍ ସଂରକ୍ଷିତ ରହିବ । ତେବେ ୩୦ରୁ ଅଧିକ ବେଡ ଥିବା ହସ୍ପିଟାଲରେ ଏହି ନିୟମ ଲାଗୁ କରାଯିବ । ଓଡ଼ିଶାରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନର ମାନଙ୍କୁ ଚିଠି ଲେଖି ଏହା ଜଣାଇଛନ୍ତି । ସେହିପରି ଘରୋଇ ହସ୍ପିଟାଲଗୁଡ଼ିକରେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ୫୦ପ୍ରତିଶତ ଆଇସିୟୁ/ ଏଚଡିୟୁ ସଂରକ୍ଷିତ ରହିବ । ଯଦି ଆବଶ୍ୟକ ପଡ଼େ ତେବେ ହସ୍ପିଟାଲରେ ୧୦୦ ପ୍ରତିଶତ ବେଡକୁ ମଧ୍ୟ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା କରାଯାଇଛି । ଏଥିସହିତ କୋଭିଡ ଚିକିତ୍ସା ପାଇଁ ବି ସରକାର ଫି' ନିର୍ଦ୍ଧାରଣ କରିଛନ୍ତି । ଘରୋଇ ହସ୍ପିଟାଲରେ କୋଭିଡ ରୋଗୀଙ୍କ ପାଇଁ ଦେୟ ଜେନେରାଲ ବେଡ ପାଇଁ ଦୈନିକ ୧୨ଶହ ଟଙ୍କା, ଖାଦ୍ୟ ଓ ଔଷଧ ପାଇଁ ୧୭୫୦ ଟଙ୍କା ରହିଛି । ସେହିପରି ଆଇସିୟୁରେ ରହିଲେ ଦୈନିକ ୨୦୦୦ରୁ ୫୦୦୦ ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡ଼ିବ । ଆଇସିୟୁରେ ଦୈନିକ ଔଷଧ ଓ ଆନୁଷଙ୍ଗିକ ଖର୍ଚ୍ଚ ସର୍ବମୋଟ ୮ ହଜାର ଓ ୧୨ ହଜାର ରହିଥିବା ବେଳେ ଭେଂଟିଲେଟର ସହ ଆଇସିୟୁରେ ରହିଲେ ଦିନକୁ ୨ ହଜାର ଟଙ୍କାରୁ ୫ ହଜାର ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡ଼ିବ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ୧୦,୦୦୦ରୁ ୧୫,୦୦୦ ହେବ ।

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ୧୪ ଦିନିଆ କ୍ୱାରେଂଟାଇନ୍ ବାଧ୍ୟତାମୂଳକ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଏଣିକି ପଶ୍ଚିମବଙ୍ଗରୁ ଓଡିଶା ଫେରିଲେ ୧୪ଦିନିଆ କ୍ୱାରେଂଟାଇନରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି । ସେମାନେ କ୍ଲଷ୍ଟର ଟିଏମସି କିମ୍ବା ଦେୟଯୁକ୍ତ ସଙ୍ଗରୋଧ କେନ୍ଦ୍ରରେ ରହିବେ । ସେମାନଙ୍କୁ ଘରେ କ୍ୱାରେଂଟାଇନ୍ ରେ ରହିବାକୁ ଅନୁମତି ମିଳିବ ନାହିଁ । କିନ୍ତୁ ଯେଉଁମାନଙ୍କ ପାଖରେ ୪୮ ଘଂଟା ପୂର୍ବର ଆରଟିପିସିଆର ନେଗେଟିଭ୍ ରିପୋର୍ଟ ଏବଂ କୋଭିଡ-୧୯ ଟିକାର ୨ଟି ଡୋଜ୍ ନେଇଥିବା ପ୍ରମାଣପତ୍ର ଥିବ ସେମାନଙ୍କୁ ଗୃହ ସଂଗରୋଧରେ ରହିବାକୁ ଅନୁମତି ମିଳିବ । ପଶ୍ଚିମବଙ୍ଗରେ କରୋନାର ଟ୍ରିପଲ ମ୍ୟୁଟାଂଟ ଚିହ୍ନଟ ହେବାପରେ ଓଡ଼ିଶା ସରକାର ନୂଆ କଟକଣା ଜାରି କରିଛନ୍ତି । ମୁଖ୍ୟ ଶଶସନ ସଚିବ ସୁରେଶ କୁମାର ମହାପାତ୍ର ଗୁରୁବାର ଏ ସମ୍ପର୍କରେ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ପଶ୍ଚିମବଙ୍ଗ ସୀମାବର୍ତୀ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାପାଳମାନଙ୍କୁ ସମସ୍ତ ମାର୍ଗକୁ ତୁରନ୍ତ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୀମାରେ ଯେପରି କୌଣସି ବି ମାର୍ଗରେ ପଶ୍ଚିମବଙ୍ଗରୁ ଲୋକେ ଆସିନପାରିବେ ସେଥିପାଇଁ ଆବଶ୍ୟକ କଡ଼ାକଡ଼ି ପୁଲିସ ବ୍ୟବସ୍ଥା କରିବାକୁ କୁହାଯାଇଛି । ଯଦି କେହି ପଶ୍ଚିମବଙ୍ଗରୁ ଦୁଇଚକିଆ, ଚାରି ଚକିଆ ଯାନରେ ଓଡ଼ିଶା ସୀମାରେ ପ୍ରବେଶ କରେ ତାଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ କ୍ଲଷ୍ଟର କ୍ୱାରେଂଟାଇନ ସେଂଟର (ଟିଏମସି)ରେ ▶▶ପୃଷ୍ଠା ୭

ଅକ୍ସିଜେନ ଯୋଗାଣ ଓ ଟିକାକରଣ ନେଇ କେନ୍ଦ୍ରକୁ ନୋଟିସ୍ ଜାରିକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨/୦୪ : ଦେଶରେ କରୋନା ସଂକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି କି ଏବେ ଦେଶରେ ଯେଭଳି ଭାବେ କରୋନା ମହାମାରୀ ସ୍ଥିତି ଦେଖା ଦେଇଛି ତାହା ଜରୁରୀକାଳୀନ ପରିସ୍ଥିତି ଠାରୁ କମ୍ ନୁହେଁ । ଅକ୍ସିଜେନ ଯୋଗାଣ ଓ ଟିକାକରଣ ନେଇ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ଏସ୍ ଏ ବୋବଡେ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ ଜାରି କରିଛନ୍ତି । ମୁଖ୍ୟ ବିଚାରପତି କହିଛନ୍ତି କି କରୋନା କବଳରୁ ରକ୍ଷା ପାଇବାକୁ ଆମକୁ ଜାତୀୟ ଯୋଜନାର ଆବଶ୍ୟକତା ରହିଛି । ଏନେଇ ଦେଶର ୬ ଟି ହାଇକୋର୍ଟ ଶୁଣାଣି କରୁଛନ୍ତି । ଦେଖିବାକୁ ଅଛି ସେମାନେ କ'ଣ ରାୟ ଦେଉଛନ୍ତି । ▶▶ପୃଷ୍ଠା ୭

ଗୋଟିଏ ଦିନରେ ୬୧୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୧୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୮୮୪୭୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୫୧୩୮୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୫୦୭୫ରହିଛି । ଆଜି ଚିହ୍ନଟ ହୋଇଥିବା ୬୧୬୪ ଜଣଙ୍କ ମଧ୍ୟରୁ ୩୫୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୧୩୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୮ ଜଣ, ବରଗଡ଼ରୁ ୨୩୬ ଜଣ, ଭଦ୍ରକରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୮, କଟକରୁ ୩୬୦ ଜଣ, ଦେବଗଡ ଜିଲ୍ଲାରୁ ୩୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭ ଜଣ, ଗଜପତି ଜିଲ୍ଲାରୁ ୫୫, ଗଞ୍ଜାମରୁ ୧୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୩ ଜଣ

ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର କରିବାରେ ଅବଦାନ ରଖିବେ: ରୋଜଗାରକ୍ଷମ ହେବାକୁ ନଗର ଉନ୍ନୟନ ବିଭାଗର ଯୋଜନା

ବାରିପଦା, ୨୨/୪ (ନି.ପ୍ର.): ବାରିପଦା ପେ?ରପାଳିକାରେ ପ୍ରଥମ ଥର ପାଇଁ କିନ୍ନର ଓ ମହିଳା ବ୍ୟାଟେରୀ ଚାଳିତ ତିନିଚକିଆ ଗାଡ଼ି ଚଳେଇବେ। ପୌରପାଳିକା ପକ୍ଷରୁ ଘରକୁ ଘର ବୁଲି ଏହି ଗାଡ଼ି ସାହାଯ୍ୟରେ ବର୍ଜ୍ୟ ସଂଗ୍ରହ କରିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ ଅବଦାନ ରଖିବେ। କିନ୍ନର ଓ ମହିଳାଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ହୋଇଥିବା ଯୋଜନାର ଅଂଶ ସ୍ୱରୂପ ବାରିପଦାରେ ପ୍ରଥମ ଦଫାରେ ୧୦ଟି ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡ଼ି ଅଣାଯାଇଛି। ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏବଂ କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ହିଁ ଏହି ଗାଡ଼ି ଚଳେଇପାରିବେ। ଏନେଇ କିନ୍ନରମାନଙ୍କୁ ନେଇ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ଗଠନ କରାଯାଇଛି। ଚଳିତ ୨୩ ରେ ଜିଲ୍ଲାପାଳ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏନେଇ ୫ଜଣ ମହିଳା ଓ ୫ ଜଣ କିନ୍ନରଙ୍କୁ ଗତ ସପ୍ତାହେ ହେବ ତାଲିମ ପ୍ରଦାନ କରାଯାଉଛି। ତାଲିମ ନେଉଥିବା ସମସ୍ତ ସଦସ୍ୟାଙ୍କ ନିକଟରେ ଦୁଇଚକିଆ ଗାଡ଼ି ଚଳେଇବାର ଅଭିଜ୍ଞତା ରହିଛି। ମାତ୍ର ତିନିଚକିଆ ଗାଡ଼ି ଚଳେଇବା ନିମନ୍ତେ ସେମାନଙ୍କୁ ତାଲିମ ଦିଆଯାଉଥିବା ବାରିପଦା ଉପଜିଲ୍ଲାପାଳ ତଥା ପେ?ରପାଳିକା ନିର୍ବାହୀ ଅଧିକାରୀ ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି। ଉପରୋକ୍ତ ସଦସ୍ୟାମାନେ ବ୍ୟାଟେରୀଚାଳିତ ତିନି ଚକିଆ ଗାଡ଼ି ସହାୟତାରେ ବାରିପଦା ସହରର ଗଳିକୁ ଗଳି ବୁଲି କଠିନ ବର୍ଜ୍ୟ ସଂଗ୍ରହ କରିବେ। ନଗର ଉନ୍ନୟନ ବିଭାଗର ଗାଇଡ୍ଲାଇନ ଅନୁଯାୟୀ ସେମାନଙ୍କୁ ଦରମା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ବାରିପଦା ପେ?ରପାଳିକାରେ ସ୍ୱଚ୍ଛତା କ୍ଷେତ୍ରରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକୁ ପୂର୍ବରୁ ମଧ୍ୟ ନିୟୋଜିତ କରାଯାଇଛି। ଏବେ ତିନି ଚକିଆ ଗାଡ଼ି ଚଳେଇ ମହିଳା ଓ କିନ୍ନରମାନେ ସଶକ୍ତ ତଥା ରୋଜଗାରକ୍ଷମ ହେବାର ଉଦାହରଣ ସୃଷ୍ଟି କରିବେବୋଲି ଶ୍ରୀମତୀ ରେଡ୍ଡୀ ପ୍ରକାଶ କରିଛନ୍ତି। ଏନେଇ ତିନିଚକିଆ ଗାଡ଼ି ଚଳା ତାଲିମ ନେଉଥିବା ସ୍ଥାନୀୟ ଭଞ୍ଜପୁରର ସବିତା ନାୟକ ବେଶ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ପୂର୍ବରୁ ଦୁଇ ଚକିଆ ଗାଡ଼ି ଚଳେଇବାର ଅଭିଜ୍ଞତା ରହିଛି। ପ୍ରଥମ କରି ଏହି ତିନିଚକିଆ ଗାଡ଼ି ଚଳେଇ ବାରିପଦାକୁ ପରିଷ୍କାର ରଖିବାରେ କିଛି ଯୋଗଦାନ କରିପାରିବି। ସେହିପରି ରୋଜଗାରକ୍ଷମ ହୋଇ ଆତ୍ମନିର୍ଭର ହୋଇପାରିବି ବୋଲି ସବିତା ପ୍ରକାଶ କରିଛନ୍ତି। ସେହିପରି ଶିବାନୀ ହାଁସଦା, ମନୋରଂଜନ ସାହୁଙ୍କ ଭଳି କିନ୍ନର ମଧ୍ୟ ଏହି ଗାଡ଼ି ଚଳେଇବା ତାଲିମ ନେଉଛନ୍ତି। ଏପରି ତିନିଚକିଆ ଗାଡ଼ି ଚଳେଇ ମହିଳା ଓ କିନ୍ନରମାନେ ରୋଜଗାରକ୍ଷମ ହୋଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି ମତପ୍ରକାଶ ପାଇଛି।

ଆଇରନ ଓ ହାଇକୋର ଚୋରା ଚାଲାଣର କରିଡର ପାଲଟିଛି କଉଡୁକୋଲ

ଧର୍ମଶାଳା, ୨୨/୪ (ନି.ପ୍ର.): ଯାଜପୁର ଜିଲା ବେଣାପୁର ଠାରେ ବ୍ରାଉନ ସୁଗାର ନିଶା କାରବାରକୁ ନେଇ ସ୍ଥାନୀୟ ଅଂଚଳରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ଚୋରା କାରବାର ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଚଣ୍ଡିଖୋଲ ଫାଣ୍ଡି ଠାରୁ ମାତ୍ର କିଛି ଦୂରରେ ଧଳା ଜହର ଧରାପଡିବା ପରେ ଏବେ ଆଇରନ ଓ ହାଇକୋର ଚୋରାଚାଲାଣ ନେଇ ଅପରାଧି ମାନେ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଯାହାକି ଆଇନ ବ୍ୟବସ୍ଥା ପୁରା ବିଗିଡିଥିବା ପରି ଲାଗୁଛି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଉଡୁକୋଲ ଛକରେ ସ୍ଥାନୀୟ ଅଂଚଳର କିଛି ଯୁବକ ଦୈତାରୀ ଓ କେନ୍ଦୁଝରରୁ ଆସୁଥିବା ଆଇରନ,ଆଇରନ ଗୁଲି ଓ ହାଇକୋର ଭଳି ମୂଲ୍ୟବାନ ଲଘୁଖଣିଜ ଦ୍ରବ୍ୟକୁ ଦିନ ଦ୍ୱିପ୍ରହରରେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟୁଥିବା ଦେଖିବାକୁ ମିଳିଛି। କିଛି ଯୁବକ ମାନେ ବୁଲେଟରେ ଆସି ୫୩ ନମ୍ବର ଜାତୀୟ ରାଜପଥ ଉପରେ ମାଲ ବୋଝେଇ କରି ଆସୁଥିବା ଟ୍ରକ ଗୁଡିକୁ ଅଟକାଇ ହାଇଜାକ କରି ଏକ ନିକାଞ୍ଚନ ସ୍ଥାନକୁ ନେଉଛନ୍ତି। ସେଠାରେ ମାଲ ଖଲାସ କରିବା ପରେ ବେନାମୀ ନମ୍ବର ଥିବା ଛଅ ଚକିଆ ଟ୍ରକରେ ଚୋରା ମାଲଗୁଡିକୁ ପାରାଦ୍ୱୀପ ଓ ଗୋପାଳପୁର ଅଂଚଳର ଜନୈକ ଚୋରା ଆଇରନର କିଙ୍ଗପିନକୁ ଦେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହି ଚୋରା ଟ୍ରକକୁ ପାଇଲଟିଂ କରି ଲୁଟେରାମାନେ ବିଭିନ୍ନ ଥାନାର ସୀମା ପାର କରାଉଥିବା ଜନୈକ ଯୁବକ କହିଛନ୍ତି। ତେବେ ଲକ୍ଷାଧିକ ଟଙ୍କାର ଚୋରା ଲୁହାପଥର ବୋଝେଇ କରି ଯାଉଥିବା ରୁଟରେ ପୁଲିସ କିପରି ଜାଣି ପାରୁ ନାହିଁ ତାହା ପୁଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆଣିଛି। ଏଥିପ୍ରତି ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ ଦାବି ହେଉଛି।

ଦୈତାରୀ ମାଇନ୍ସର ବିକଳ ଚିତ୍ର, ଲୁଣ ଭାତରେ ବିତୁଛି ଆଦିବାସୀଙ୍କ ଜୀବନ: ପ୍ରଶାସନର ନଜର ପଡୁନାହିଁ

ହରିଚନ୍ଦନପୁର, ୨୨/୪ (ନି.ପ୍ର.): କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧୁଷିତ ହରିଚନ୍ଦନପୁର ବ୍ଲକର ଦୈତାରୀ ମାଇନ୍ସ ନିକଟରେ ବସବାସ କରୁଥିବା ଆଦିବାସୀ ଲୋକେ ସରକାରୀ ଯୋଜନା ସହ ମାଇନ୍ସର ସାହାଯ୍ୟରୁ ବଞ୍ଚିତ ହୋଇ ଲୁଣ ଭାତରେ ପେଟ ପୋଷୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଖବର ଅନୁଯାୟୀ ଆଜକୁ ଦୀର୍ଘ ବର୍ଷ ହେବ ଏଠାରେ ଅନେକ ଆଦିବାସୀ ମହ୍ଲାର ସଂପ୍ରଦାୟର ପରିବାର ବସବାସ କରୁଛନ୍ତି । ଆଦିବାସୀ ଶ୍ରେଣୀର ଲୋକଙ୍କ ପାଇଁ ବାର୍ଷିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା ରହିଛି ସତ । ସବୁ ଯୋଜନା ଥାଇ ମଧ୍ୟ ତାହାର ବାସ୍ତବ ଚିତ୍ର ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ଓଲଟା । ଦୀପ ତଳ ଅନ୍ଧାର ଭଳି ଦୈତାରୀରେ ବସବାସ କରୁଥିବା ଆଦିବାସୀ ଶ୍ରେଣୀର ଲୋକଙ୍କ ଭିଟାମାଟିରେ ଦୈନିକ ଓଏମସି ମାଇନ୍ସ ହଜାର ହଜାର କୋଟି ଟଙ୍କା ଲାଭ ପାଉଛି । ହେଲେ ସେହି ଆଦିବାସୀ ପରିବାରର ଲୋକେ ପ୍ରତ୍ୟେକ ଦିନ ମାଇନ୍ସର ଧୂଳି ଧୂଆଁରେ ଅତିଷ୍ଠ ସହ ପ୍ରଭାବିତ ହେଉଥିବା ବେଳେ ମାଇନ୍ସ କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନଦେଖିବା ଭଳି ରହୁଛନ୍ତି । ଯାହାକୁ ନେଇ ସେମାନଙ୍କ ଦରିଦ୍ରତା ଦିନକୁ ଦିନ ସୀମା ଟପିବାକୁ ବସିଥିବା ଦୃଶ୍ୟ ଏବେ ଦେଖିବାକୁ ମିଳିଛି । ଏଥିସହ ଉକ୍ତ ପରିବାର ଲୋକେ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇ ଅତି ଦୁର୍ଦ୍ଦିନରେ ଦିନ କାଟୁଥିଲେ ମଧ୍ୟ ସେମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ । ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଅନେକ ଆଦିବାସୀ ପରିବାର ଲୋକେ ମୁଣ୍ଡ ଗୁଞ୍ଜୁଥିବା ସହ ଦୈନିକ କାମ ନପାଇ ଲୁଣ ଭାତରେ ଖାଇ ପେଟ ପୁରାଉଥିବା ଦେଖିବାକୁ ମିଳିଛି । ସରକାରୀ ବିଭିନ୍ନ ଯୋଜନା ଥାଇ ମଧ୍ୟ କେତେକ ଖାମଖିଆଲି ମନୋଭାବ ରଖୁଥିବା ସରକାରୀ ବାବୁଙ୍କ ପାଇଁ ଏହି ଭଳି କେତେକ ପରିବାର ଆଖି ନଦେଖିଲା ଭଳି ଅବସ୍ଥାରେ ଜୀବନ ବିତାଉଛନ୍ତି । ତେଣୁ ଏଥିପ୍ରତି ପ୍ରଶାସନ ଓ ଓଏମସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯଥା ସମ୍ଭବ ଉକ୍ତ ପରିବାରକୁ ସାହାଯ୍ୟ ଯୋଗାଇ ଦେବାକୁ ବୁଦ୍ଧିଜୀବି ଓ ଜନସାଧାରଣରେ ଦାବି ହୋଇଛି । ଦେଖିବାକୁ ବାକି ରହିଲା ଏହି ବିକଳ ଚିତ୍ର ଲୋକଲୋଚନକୁ ସହ ପ୍ରଶାସନ ଓ ଓଏମସି ମାଇନ୍ସ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିବା ପରେ ଉକ୍ତ ପରିବାରକୁ କେବେ ମିଳୁଛି ନିଜର ପ୍ରାପ୍ୟ ଅଧିକାର ।

ପାଇପ ଫାଟି ପାଣି ବୋହୁଛି ମୁଖ୍ୟ ରାସ୍ତାରେ

କେନ୍ଦ୍ରାପଡା, ୨୨/୪ (ନି.ପ୍ର.): କେନ୍ଦ୍ରାପଡା ପୌରାଂଚଳରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଉପରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ତୁଳସୀ ମହିଳା ମହା ବିଦ୍ୟାଳୟ, ତୁଳସୀ ପାର୍କ ଓ ଜିଲ୍ଲା ପାର୍ଯ୍ୟଟନ କାର୍ଯ୍ୟାଳୟ ଥିବା ସେହି ଛକ ଉପରେ ମାସେ ହେଲା ପିଇବା ପାଣି ପାଇପ ଫାଟି ପ୍ରବାହିତ ହେଉଥିଲେ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟିରେ ପଡିନାହିଁ । ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଥିବା ବେଳେ ବିଭାଗ ପାଇପ ମରାମତି ନକରି ମାସେ ହେଲା ନିଶ୍ଚିନ୍ତରେ ବସି ରହିଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଶିକ୍ଷଣ

କେନ୍ଦ୍ରାପଡା, ୨୨/୪ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଆକସ୍ମିକ ଅଗ୍ନିକାଣ୍ଡର ନିୟନ୍ତ୍ରଣ ପାଇଁ ଘରୋଇ ନର୍ସିଂହୋମ ଗୁଡିକ କେଉଁ କେଉଁ ପନ୍ଥା ଅବଲମ୍ବନ କରିବେ ସେନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଅନୁଷ୍ଠିତ ହୋଇଯାଇଛି । ମେଡିକାଲ ରୋଡରେ ଥିବା ହେଲଥ କେୟାର ହସପିଟାଲ ପରିସରରେ ଏହି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ଅଗ୍ନିକାଣ୍ଡ ସମୟରେ ନର୍ସିଂହୋମ୍ ର ରୋଗୀ ମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ଓ ଅନ୍ୟ ମାନଙ୍କ ଜୀବନ ବଂଚାଇବା ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବା, ଅଗ୍ନି ବ୍ୟାପିବାକୁ ନିୟନ୍ତ୍ରଣ କରିବା ପାଇଁ ବିଭାଗ ଅଧିକାରୀ ବଳଭଦ୍ର ଟୁଡୁ ଓ ଅନ୍ୟ କର୍ମଚାରୀ ମାନେ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନର୍ସିଂହୋମ୍ ର ପ୍ରୋପାଇଟର ଅନଓ୍ୱାର ଅଲ୍ଲୀ ଖାନ, ମହମ୍ମଦ ସଇଫୁଲା, ବରିଷ୍ଠ ସେବିକା ଚିନ୍ମୟୀ ପରିଡା, ବିନିରାଣୀ ମଲ୍ଲ, ସେକ ଇସମାଇଲ ହୋସେନ ପ୍ରମୁଖ ଉପସ୍ଥିତ ଥିଲେ ।

ଆଖି ଅସ୍ତ୍ରୋପଚାର କରିବାକୁ ଆସି ବୃଦ୍ଧ ନିଖୋଜ

ଧର୍ମଶାଳା, ୨୨/୪ (ନି.ପ୍ର.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାର ଭୂମିକା ଘରୋଇ ଡାକ୍ତରଖାନାକୁ ଆଖି ଅସ୍ତ୍ରୋପଚାର କରିବାକୁ ଆସିଥିବା ମୟୁରଭଂଜ ଜିଲ୍ଲା ଭ୍ରମରପୋଷି ଅଂଚଳର ବୃଦ୍ଧ ରଘୁନାଥ ଚତରଙ୍କ ୧୫ଦିନ ହେଲା ପତା ମିଳୁନାହିଁ । ପ୍ରତିବାଦରେ ରୋଗୀଙ୍କ ସଂପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ଡାକ୍ତରଖାନା ମୁଖ୍ୟ ଫାଟକ ଆଗରେ ପ୍ରତିବାଦ କରିବା ସହ ନିଖୋଜ ରୋଗୀଙ୍କୁ ତୁରନ୍ତ ଖୋଜି ବାହାର କରିବା ପାଇଁ ଦାବି କରିଥିଲେ। ଘଟଣାରୁ ପ୍ରକାଶ ଯେ, ଭୂମିକା ଆଇ ହସପିଟାଲ୍ ପକ୍ଷରୁ ଭ୍ରମରପୋଷିଠାରେ ଏକ ଚକ୍ଷୁ ଚିକିତ୍ସା ଶିବିର କରାଯାଇ ଆଖି ଅସ୍ତ୍ରୋପଚାର ପାଇଁ ୧୯ଜଣଙ୍କୁ ଗତମାସ ୨୯ତାରିଖରେ ଜାରକା ଆଣିଥିଲେ। ତେବେ ଆଖି ଅପରେସନ୍ ପରେ ୧୮ଜଣଙ୍କୁ ଘରକୁ ଫେରାଇ ଦିଆଯାଇଥିବା ବେଳେ ରଘୁନାଥଙ୍କ ପତା ମିଳୁନାହିଁ। ବହୁ ଖୋଜାଖୋଜି ପରେ ରଘୁନାଥଙ୍କ ସନ୍ଧାନ ନମିଳିବାରୁ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଏତଲା ଦିଆଯାଇଛି । ପୁଲିସ୍ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲେ ହେଁ ଏପର୍ଯ୍ୟନ୍ତ ରଘୁନାଥଙ୍କୁ ଠାବ କରାଯାଇ ପାରି ନାହିଁ। ତେବେ ଅପରେସନ୍ ପରେ ରଘୁନାଥ କଟକର ଜଣେ ବନ୍ଧୁ ଘରକୁ ଯାଉଛି ବୋଲି କହି ଏଠାରୁ ଚାଲି ଯାଇଥିବା ହସପିଟାଲ୍‌ର ଅଧ୍ୟକ୍ଷ ଭୀଷ୍ମ ରଥ ସୂଚନା ଦେଇଛନ୍ତି ।

+୫୯ତମ ବାଦିପାଲା ଉଦ୍‌ଯାପିତ

କୋରେଇ, ୨୨/୪ (ନି.ପ୍ର.): ପଥରପଦା ପଂଚାୟତ ଅନ୍ତର୍ଗତ ପଥରପଦା, କାଜିପାଟଣା ଓ ବଡବରୁଣାଇପଦା(ନୂଆଗାଁ) ଆଦି ତିନୋଟି ଗ୍ରାମର ସମିଶ୍ରଣରେ ମଧ୍ୟସ୍ଥଳୀ ବା ସତ୍ୟନାରାୟଣ ପୀଠରେ ୫୯ତମ ବାଦି ପାଲା କୋଭିଡ କଟକଣା ମଧ୍ୟରେ ଉଦ୍‌ଯାପିତ ହୋଇଛି । ୧୯୫୨ ମସିହାରେ ସ୍ୱର୍ଗତ ଧନୀ ବେହେରାଙ୍କ ଦ୍ୱାରା ସ୍ଥାପିତ ଏହି ପାଲା ମଣ୍ଡପରେ ଓଡିଶାର କଳା ସଂସ୍କୃତିକୁ ବଜାୟ ରଖି ବାଦି ପାଲା ହୋଇଆସୁଅଛି । ଗାୟକ ପ୍ରଶନ୍ନ ପଟ୍ଟନାୟକ ଓ ନୃସିଂହ ଚରଣ ହୋତା ପ୍ରମୁଖ ଏହି ବାଦିପାଲାରେ ଯୋଗଦେଇ ୩ ଦିନ ପାଲା ପରିବେଷଣ କରିଥିଲେ । ଅନୁଷ୍ଠାନର ସଭାପତି ଧ୍ରୁବ ଚରଣ ବେହେରା, ସମ୍ପାଦକ ରାଜ କିଶୋର ଦାସଙ୍କ ସମତେ ଚିନ୍ତାମଣି ବେହେରା, ନାରାୟଣ ବେହେରା, ବଟକୃଷ୍ଣ ବାରିକ, ଶତ୍ରୁଘ୍ନ ବାରିକ, ଗୋଲେକ ସାହୁ, କୁଳମଣି ପରିଡା, ଅଜୟ ବେହେରା, ସୁଧାଂଶୁ ଦାସ, ଅଶୋକ ଦାସ, ଜୟ ପ୍ରକାଶ ବେହେରା, ଶ୍ରୀକାନ୍ତ ବେହେରା, ମହେଶ୍ୱର ବେହେରା, ଶତ୍ରୁଘ୍ନ ବେହେରା, ଲକ୍ଷ୍ମୀଧର ବେହେରା, ଗୋପବନ୍ଧୁ ବେହେରା, ପିତବାସ ବେହେରା, ସନ୍ତୋଷ ବାରିକ, ନବ କିଶୋର ବାରିକ, ଶୁସାନ୍ତ ମହାକୁଡ, ପ୍ରଦୀପ ପରିଡା, କମଳାକାନ୍ତ ମହାକୁଡ, ଯଦୁମଣି ବାରିକ, କାର୍ତିକ ମହାକୁଡ, ଶରତ ପୁଷ୍ଟି, ସଂଜୟ ସାହୁ, ରମେଶ ଦାସ, ଦୁର୍ଯ୍ୟୋଧନ ବେହେରା, ବସନ୍ତ ବେହେରା, ସୁଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ତିନି ଗ୍ରାମର ଶତାଧିକ ପାଲା ପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

କରୋନା ପାଇଁ ବାସୁଦେବପୁର ସାମ୍ବାଦିକ ସଂଘ ପକ୍ଷରୁ ସମୂହ ଦୀପଦାନ

ଭଦ୍ରକ, ୨୨/୪(ହି.ସ.) - ଆଜି ଏହି ଜିଲାର ବାସୁଦେବପୁରସ୍ଥିତ 'ବାସୁଦେବପୁର ସାମ୍ବାଦିକ ସଂଘ' ପକ୍ଷରୁ କରୋନାର ଭୟାବହତା ଦୂର ହେବା ଲକ୍ଷ୍ୟରେ ଶିଶୁ ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଭାରତରେ କରୋନା ମହାମାରୀର ଦ୍ୱିତୀୟ ଲହରୀ ଉଗ୍ରରୂପ ନେଇଥିବାବେଳେ ଏଥିରେ ଅନେକ ସଂକ୍ରମିତ ଲୋକଙ୍କର ମୃତ୍ୟୁ ହେଲାଣି। ବହୁ ଲୋକ ଏବେବି ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଶଯ୍ୟା ମିଳୁନାହିଁ। ଏଣୁ ଏହି ମହାମାରୀ ଦୂର ହେବା ସହିତ ଜନସାଧାରଣଙ୍କ ଜୀବନ ଯାତ୍ରା ସ୍ୱାଭାବିକ ହେବା ନେଇ ଆଜି ବାସୁଦେବପୁର ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ବନମାଳି ବାରିକ, ସଂପାଦକ ରମାକାନ୍ତ ଡାଙ୍ଗୁଆ, ସଂଗଠନ ସଂପାଦକ ଉଦୟ ଜେନା, ଯୁଗ୍ମ ସଂପାଦକ ନାରାୟଣ ବାରିକ, କୋଷାଧକ୍ଷ ବିଜୟ କୁମାର ଘଡାଇ, ଉପସଭାପତି ଭାରତ ବିନୋଦ ନାୟକ, ସହ ସଂପାଦକ ପ୍ରତାପ କୁମାର ପାଢୀ, କାର୍ଯ୍ୟକାରୀ ସଦସ୍ୟ ପ୍ରମୋହଦ କୁମାର ରାଉତ, ସର୍ବେଶ୍ୱର ଜେନା, ବିଭୂତି ଭୂଷଣ ପଣ୍ଡା, ଶର୍ମିଷ୍ଠା ମିଶ୍ର, ଅମୀୟ ମହାନ୍ତି, ଦେବେନ୍ଦ୍ର ନାୟକ, ସ୍ୱାଧୀନ ଆଲୋକ ଡାଙ୍ଗୁଆ, ସାଇଦ୍ କାଦ୍ରି, ସୁଶାନ୍ତ ନାୟକ, ରଶ୍ମି ପଲେଇ ପ୍ରମୁଖ ସମୂହ ଦୀପଦାନ କରିଛନ୍ତି।

ଅମରେଶ୍ୱରୀ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, ୨୨/୪ (ନି.ପ୍ର.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପଂଚାୟତ ଉତର ଶାସନ ଗ୍ରାମର ମା' ଅମରେଶ୍ୱରୀଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । କୋଭିଡ୍ କଟକଣା ମଧ୍ୟରେ ଅଳ୍ପ ସଂଖ୍ୟକ ପୂଜକ ଯଜ୍ଞକର୍ମ ସଂପାଦିତ କରିଥିବାବେଳେ ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ମଧ୍ୟରେ ମା'ଙ୍କ ଦର୍ଶନ କରିଥିଲେ । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, କଳସଯାତ୍ରା, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି ଦାନ, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଆଜି ଶେଷ ଦିବସରେ ଯଜ୍ଞପୁରୁଷଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଥିଲା । ପୂଜକ ପ୍ରମୋଦ ପାଢୀ, ରଶ୍ମିରଂଜନ ପାଣିଗ୍ରାହୀ ଓ ରବିନ୍ଦ୍ର ଦାଶ ଯଜ୍ଞକର୍ମ ସଂପନ୍ନ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ପ୍ରଭାତ ପାଣିଗ୍ରାହୀ, ନାରାୟଣ ସାହୁ, ତ୍ରିୟମ୍ବକ ରଥ, ନାରାୟଣ ଓଝା, ଦେବୀପ୍ରସାଦ ଦାଶ, ଉମେଶ ବାରିକ, ଅମରେନ୍ଦ୍ର ରାଉତ ପ୍ରମୁଖ ଏଥିରେ ସହାୟତା କରିଥିଲେ । ଉତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସ୍ମୃତିରେଖା ପହିଙ୍କ ବିଜେପିରେ ଯୋଗଦାନ: କଂଗ୍ରେସରେ କୌଣସି ପ୍ରଭାବ ପଡ଼ିବ ନାହିଁ

ଧର୍ମଶାଳା, ୨୨/୪ (ନି.ପ୍ର.): କିଛି ଦିନ ପୂର୍ବେ ପୂର୍ବତନ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ବିଜେପିରେ ଯୋଗ ଦେଇଛନ୍ତି । ଧର୍ମଶାଳା କଂଗ୍ରେସ ସଂଗଠନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଧର୍ମଶାଳା ପଂଚାୟତ ସମିତିର ପୂର୍ବତନ ଅଧକ୍ଷ କିଶାନ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି । ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ସଭାପତିତ୍ୱ କରି ଶ୍ରୀ ପଣ୍ଡା କହିଲେ ଯ

କୃଷକଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣ ଅଭିଯାନ

ଜଳବାୟୁ ପ୍ରଦୂଷଣ, ବିଶ୍ୱତାପନ ଆଦି ଯୋଗୁଁ ମହୁମାଛିର ଜୀବନ-ଚକ୍ର ପ୍ରଭାବିତ ହେଉଛି । ଏହାର କୁ- ପରିମାମସ୍ୱରୂପ ଏହି ଉପକାରୀ କୀଟ ସଂଖ୍ୟା କମିବାରେ ଲାଗିଛି । ମହୁମାଛିର ବିଲୋପନ ମଣିଷ ସଭ୍ୟତାକୁ ବି ଲୋପ କରିଦେଇପାରେ । କାରଣ, ମହୁମାଛି ବିନା ପରାଗସଂଗମ ହେବନାହିଁ, କୃଷି ପ୍ରଭାବିତ ହେବ । ଖାଦ୍ୟର ଅଭାବ ଘଟିବ । ପ୍ରଥମେ ପ୍ରାଣୀ ଜଗତ ଭୋଗିବ ଏବଂ ଶେଷରେ ମଣିଷ । ଏ ଦିଗରେ ସଚେତନତା ସୃଷ୍ଟି କରୁଛି- 'ଅଣ୍ଡର ଦ ମ୍ୟାଙ୍ଗୋ ଟିଜ୍' (ସଂକ୍ଷେପରେ ୟୁଟି,ମଟି) ସ୍ୱେଚ୍ଛାସେବୀ ସଂଗଠନ । ଭାରତ ଏକ କୃଷି-ପ୍ରଧାନ ଦେଶ । କୃଷିର ବିକାଶ ବିନା ଆମର ଅଗ୍ରଗତି ଅସମ୍ଭବ । ତେଣୁ, ଏହି ସଂଗଠନ ପକ୍ଷରୁ ମୁଖ୍ୟତ୍ୱ କୃଷିଜୀବୀଙ୍କ ମାଧ୍ୟମରେ ମହୁମାଛି ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି । ମହୁମାଛି ସଂରକ୍ଷଣ ଆମ ପାଇଁ ପ୍ରାଥମିକତା ଏକ ଦ୍ୱାରା କୃଷି ତଥା କୃଷକଙ୍କ ବିକାଶ ସଂଭବ । କୃଷକ, ମହୁମାଛି ପାଳନ କଲେ ମହୁ ବିକ୍ରିରୁ ଅଧିକ ଉପାର୍ଜନ କରିବ ଏବଂ କୃଷିର ବିକାଶ ମଧ୍ୟ ହେବ । ଭାରତୀୟ କୃଷକ ପାଇଁ ବଜାର ହେଉଛି ସବୁଠାରୁ ପଡ଼ ସମସ୍ୟା । ଉତ୍ପାଦର ଉଚିତ ମୂଲ୍ୟ ପାଉ ନ ଥିବାରୁ କୃଷକଙ୍କ ଆର୍ଥିକ ଅବସ୍ଥା ଅପରିବର୍ତ୍ତିତ ରହିଛି । ଖାଉଟି ଉତ୍ପାଦ ବାବଦକୁ ଦେଉଥିବା ଅର୍ଥର ମାତ୍ର ପଚିଶ ପ୍ରତିଶତ କୃଷକ ପାଏ । ଦଲାଲମାନେ ହିଁ ଲାଭବାନ ହୁଅନ୍ତି । ତେଣୁ, କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ମଧ୍ୟ ଗୁରୁତ୍ୱ ଦେଉଛି ୟୁଟିଏମଟି । ପରିବେଶ ସଚେତନତା, କୃଷି ଓ କୃଷକର ବିକାଶ ଆଦି ଲକ୍ଷ ନଜେ ସମାଜସେବୀ ବିଜୟା ପଣ୍ଡାଲାଙ୍କ ନେତୃତ୍ୱରେ ୟୁଟିଏମଟି ଅଭିଯାନ ଜଳାଇଛି ।

ଦେଖିବା ଶୁଣିବା ଶକ୍ତି ହ୍ରାସ କରେ ଷ୍ଟ୍ରୋକ୍

ବିଶ୍ୱସ୍ତରରେ ବ୍ୟପିଥିବା ଅନେକ ପ୍ରାଣଘାତକ ରୋଗ ମଧ୍ୟରୁ ଗୋଟିଏ ହେଉଛି ବ୍ରେନ୍ ଷ୍ଟ୍ରୋକ୍ । ଏହା ଏତେ ବିପଜ୍ଜନକ ଯେ, ଧୀରେ ଧୀରେ ଲୋକଙ୍କୁ ନିଜ କବ୍ଜାକୁ ନେଇଆସେ । ଆଜି ପରିସ୍ଥିତି ଏଭଳି ହୋଇଛି, ଯେଉଁଠି ପ୍ରତି ୬ଜଣଙ୍କ ମଧ୍ୟରେ ଜଣେ ଏହି ରୋଗର ଶିକାର ହେଉଛନ୍ତି । ୬୦ ବୟସରୁ ଉର୍ଦ୍ଧ୍ୱ କିଛି ଲୋକଙ୍କ ମୃତ୍ୟୁର କାରଣ ମଧ୍ୟ ସାଜିଥାଏ ବ୍ରେନ୍ ଷ୍ଟ୍ରୋକ୍ । ବିଶେଷଜ୍ଞ ଅନୁସାରେ, ଷ୍ଟ୍ରୋକ୍ ଆସିବା ପରେ ୭୦ ପ୍ରତିଶତ ରୋଗୀ ଶୁଣିବା ଏବଂ ଦେଖିବା ଶକ୍ତି ହରାଇବସାନ୍ତି । ଅନ୍ୟ ୩୦ ପ୍ରତିଶତ ରୋଗୀ ଅନ୍ୟ ଲୋକଙ୍କ ସାହାରାରେ ବଞ୍ଚିବାକୁ ମାଧ୍ୟ ହୁଅନ୍ତି । ସାଧାରଣ ଭାବେ ଯେଉଁ ଲୋକେ ହୃଦରୋଗରେ ପୀଡ଼ିତ ଥାନ୍ତି, ସେମାନଙ୍କ ମଧ୍ୟରେ ୨୦ ପ୍ରତିଶତଙ୍କୁ ଷ୍ଟ୍ରୋକ୍ ସମସ୍ୟା ଥାଏ । ଧର୍ମଶିଳା ନାରାୟଣ ସୁପରସ୍ପେଶାଲିଟି ହସ୍ପିଟାଲର ସିନିୟର କନସଲଟାଣ୍ଟ, ନ୍ୟୁରୋ-ସର୍ଜରୀ ଡ. ଆଶିଷ କୁମାର ଶ୍ରୀବାସ୍ତଙ୍କ ମତରେ, ମସ୍ତିଷ୍କରେ କୌଣସି କାରଣରୁ ଶକ୍ତିର ଅପୂର୍ତ୍ତ ତଥା ଗମ୍ଭୀର ରୂପେ କମ ହେବା ଦ୍ୱାରା ଷ୍ଟ୍ରୋକ୍ ହୋଇଥାଏ । ଫଳରେ ଏଠାରେ ଅକ୍ସିଜେନ୍ ଏବଂ ପୋଷାକ ତତ୍ତ୍ୱର ଅଭାବ ଦେଖାଯାଏ । କିଛି ସମୟ ମଧ୍ୟରେ ମସ୍ତିଷ୍କର କୋଷିକା ମୃତପ୍ରାୟ ଅବସ୍ଥା ଚାଲିଯାନ୍ତି ।



ପରିବେଶକୁ ସୁହାଇଲା ପରି ଘର

ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ କମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାବପତ୍ର ଇତ୍ୟାଦି ଇତ୍ୟାଦି ।

ରାତିରେ କେଶ ସଫା କରିବା ଅନୁଚିତ



ସକାଳର ସ୍ୱଚ୍ଛ ସମୟକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଅଧିକାଂଶ ବ୍ୟକ୍ତି ରାତିରେ ହିଁ କେଶ ସଫା କରି ଦିଅନ୍ତି । ବୋଧହୁଏ ଆପଣ ଜାଣନ୍ତି ନାହିଁ, ଏହା କରିବା ଆପଣଙ୍କ କେଶ ପାଇଁ ହୋଇପାରେ କ୍ଷତିକାରକ । ଏକ ଗବେଷଣାରୁ ଜଣାପଡ଼ିଛି ଯେ, ରାତି ସମୟରେ କେଶ ଧୋଇବା ଦ୍ୱାରା ଅଧିକ ପରିମାଣରେ କେଶ ଝଡ଼ିଥାଏ । କାରଣ ରାତିରେ କେଶ ଧୋଇବା ଦ୍ୱାରା ଏହା ଭଲ ଭାବରେ ଶୁଖି ନଥାଏ ଏବଂ ଓଦା ରହିବା ଯୋଗୁଁ ଏହାର ମୂଳ ଅତ୍ୟନ୍ତ ନରମ ହୋଇଥାଏ । ଯାହା ଫଳରେ ଅଧିକ ପରିମାଣରେ କେଶ ଝଡ଼ିଥାଏ । ଯଦି ଆପଣ ଓଦା କେଶରେ ଶୁଅନ୍ତି କିମ୍ବା ଶୋଇବା ସମୟରେ ବାରମ୍ବାର କଡ ନେଉଟାଇବା ଦ୍ୱାରା ଓଦା କେଶ ଅଧିକ ମାତ୍ରାରେ ଦେଖା ଦେଇଥାଏ । ଯଦି ଆପଣଙ୍କ କେଶ ସମ୍ପୂର୍ଣ୍ଣ ଭାବରେ ଶୁଖି ନଥାଏ ତେବେ ଆପଣ କରିଥିବା ହେୟାର ଷ୍ଟାଇଲ ଖରାପ ହୋଇଯିବାର ଅଧିକ ସମ୍ଭାବନା ଦେଖା ଦେଇଥାଏ । ତେବେ ଏହାର ଗୋଟିଏ ମାତ୍ର ଉପାୟ ହେଲା, ଯଦି ଆପଣ ରାତିରେ କେଶ ଧୋଉଛନ୍ତି, ତାହା ହେଲେ ତାକୁ ଭଲ ଭାବରେ ଶୁଖାଇବା ପୂର୍ବରୁ ଶୁଅନ୍ତୁ ନାହିଁ ।

କଖାରୁ ରସରେ ସୌନ୍ଦର୍ଯ୍ୟ ଉପଚାର

◆ ଦୁଇ ଚାମଚ ନଡ଼ିଆ ତେଲରେ ଏକ ଚାମଚ ଲେଖାଏଁ କଖାରୁ ରସ, ମହୁ ଓ ଗୁଡ଼ ଫେଣ୍ଟି, ରାତିରେ ଶୋଇବା ପୂର୍ବରୁ ମୁହଁ, ଓଠ, ବେକ ହାତରେ ଲଗାଇ ଦଶ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ରହେ। କଳା ଓଠ ସଫା ପଡ଼େ। ଶୁଷ୍କ ତ୍ୱଚା ପାଇଁ ଏହା ଅଧିକ ଭଲ।

◆ ସମାନ ପରିମାଣରେ କଖାରୁ ରସ, ଡାଲଚିନି ଗୁଣ୍ଡ ଓ ନଡ଼ିଆ ତେଲ ମିଶାଇ, ପ୍ରତିଦିନ ଗାଧୋଇବା ପୂର୍ବରୁ ଦେହରେ ମାଲିସ କରନ୍ତୁ। ଏହାଦ୍ୱାରା ଶରୀର ଆର୍ଦ୍ର ରହେ କିନ୍ତୁ ସମସ୍ୟାଦୂର ହୁଏ।- ନିୟମିତ ଲଗାଇଲେ, ତ୍ୱଚା ସଫା ପଡ଼େ। ଫ୍ରିଜରେ ରଖି ବ୍ୟବହାର କରିପାରିବେ।

◆ ମୁଖ ବ୍ରଣ ଓ କଳାଦାଗ ଦୂର ପାଇଁ କଖାରୁ ରସ ଉପାକରୀ।_ ଦୁଇ ଚାମଚ କଖାରୁ ରସରେ ଅଧ ଚାମଚ ଗୁଡ଼, ଦହି, ଯବ ଗୁଣ୍ଡ ଫେଣ୍ଟି ଦିନରେ ଦୁଇ ଥର ଲଗାନ୍ତୁ। କିଛି ସମୟପରେ ଉଷୁମ ପାଣିରେ ଧୋଇଦିଅନ୍ତୁ। ଓଠ ଶୁଖୁଥିଲେ କଖାରୁ ରସ ଲଗାନ୍ତୁ ସଫୁଲ ମିଳିବ।

◆ କଖାରୁ ରସ କେଶକୁ ସୁସ୍ଥ ରଖେ। କେଶ ଝଡ଼ିବା ଦୂର କରାଏ। ରୂପି ହେବାକୁ ଦିଏନାହିଁ। ଦୁଇ ଚାମଚ କଖାରୁ ରସ ଓ ନଡ଼ିଆ ତେଲରେ ଏକ ଚାମଚ ଡାଲଚିନି ଗୁଣ୍ଡ, ଗୋଟିଏ ଭିଟାମିନ ଇ-ଯୁକ୍ତ କ୍ୟାପସୁଲ ଫେଣ୍ଟି ଗାଧୋଇବା ପୂର୍ପରୁ କେଶରେ ଲଗାନ୍ତୁ।

ମ୍ୟାଲେରିଆରୁ ପାଆନ୍ତୁ ସୁରକ୍ଷା



ପ୍ଲାଜମୋଡିୟମ ନାମକ ପରଜୀବୀ ଦ୍ୱାରା ମ୍ୟାଲେରିଆ ହୋଇଥାଏ । ମ୍ୟାଲେରିଆ କାରକ ମାଈ ଆନୋଫିଲିସ୍ ମଶା ସାଧାରଣତଃ ସୂର୍ଯ୍ୟାସ୍ତ ପରେ, ବିଶେଷକରି ରାତିରେ କାମୁଡେ। କେତେକ କ୍ଷେତ୍ରରେ ମେଲେରିଆ ଭିତରେ ଭିତରେ ବଢ଼ିଥାଏ । ଏପରି ସ୍ଥିତିରେ ଅଧିକ ଜ୍ୱର ନହୋଇ ଦୁର୍ବଳତା ଅନୁଭୁତ ହୋଇଥାଏ ଏବଂ ରୋଗୀର ହେମୋଗ୍ଲୋବିନ୍ ପରିମାଣ କମିଯାଇ ହଠାତ୍ ସେ ରକ୍ତହୀନତାରେ ଆକ୍ରମଣ ହୋଇଥାଏ । ସାଧାରଣତଃ ଜୁଲାଇରୁ ନଭେମ୍ବର ମାସ ମଧ୍ୟରେ ମେଲେରିଆ ବେଶୀ ବ୍ୟାପୁଥିବାର ଦେଖାଯାଏ । ଆକ୍ରାନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ପ୍ରତିକ୍ରିୟା ଭିନ୍ନଭିନ୍ନ ହୋଇଥାଏ । ମଶା କାମୁଡ଼ିଲେ ସଂକ୍ରମଣ ହୋଇ ଏହି ରୋଗ ହୋଇଥିଲେ ବି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କ ଉପରେ ମଶାକାମୁଡ଼ାର କୌଣସି ପ୍ରଭାବ ପଡ଼େ ନାହିଁ । ଅର୍ଥାତ୍ - ଶରୀର ଦୁର୍ବଳ ଥିଲେ ସଂକ୍ରମଣ ବ୍ୟାପେ । ମ୍ୟାଲେରିଆ ଆକ୍ରାନ୍ତ କଲେ ସମୟାନ୍ତରେ ହଠାତ୍ କମ୍ପ ସହ ଜ୍ୱର ଆସିବା ଝାଳ ବୋହିଯିବା ପରେ ଦୁର୍ବଳ ଲାଗିବା ଆଦି ସାଧାରଣ ଲକ୍ଷଣ। ଏପରି ହେଲେ ତୁରନ୍ତ ରକ୍ତ ପରିକ୍ଷା କରି ହାକ୍ତରଙ୍କ ପରାମର୍ଶରେ ଔଷଧ ଖାଆନ୍ତୁ । ଔଷଧର କୋର୍ସ ସମ୍ପୂର୍ଣ୍ଣ କରିବା ଆବଶ୍ୟକ । ନଚେତ୍ ମ୍ୟାଲେରିଆ ଲେଉଟିବାର ଆଶଙ୍କା ରହିଛି । ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଜରୁରୀ ଘର ଭିତର ଏବଂ ଆଖପାଖ ସ୍ଥାନରେ ପାଣି ଜମିବାକୁ ନଦେଲେ ମଶା ସୃଷ୍ଟି ହୋଇପାରିବେ ନାହିଁ । ମଶା ଜୋର୍ ହେଉଥିବା ସମୟରେ ବିଶେଷକରି ରାତିରେ ଯଥା ସମ୍ଭବ ଘର ଭିତରେ ରହିବାର ଚେଷ୍ଟା କରନ୍ତୁ । ମଶାରି ବ୍ୟବହାର କରିବା ଉଚିତ । ପରମେଥ୍ରିନ୍ ଯୁକ୍ତ ମଶାରି ବେଶୀ ସୁରକ୍ଷିତ ରଖେ । ପୋଷକରେ ମଧ୍ୟ ପରମେଥ୍ରିନ୍ ଲଗାଇଦେଲେ ମଶାପାଖକୁ ଆସିବେ ନାହିଁ । ଶରୀରର ଅଧିକାଂଶ ଭାଗ ଆବୃତ ହୋଇ ରହୁଥିବା ପୋଷାକ ପିନ୍ଧିଲେ ମଶା କାମୁଡ଼ିପାରିବେ ନାହିଁ । ଡିଟ୍ କିମ୍ବା ପିକାରିଡିନ୍ ଯୁକ୍ତ କୀଟରୁ ସୁରକ୍ଷା ହେଉଥିବା କ୍ରିମ୍ ବ୍ୟବହାର କରନ୍ତୁ । ଏହା କେବଳ ମୁହଁ ଓ ଆଖିରୁ ବାଦ୍ ଦେଇ ଲଗାଯାଇପାରେ ।

ମଶା ଦାଉରୁ ରକ୍ଷା ପାଆନ୍ତୁ

ମଶା ଘଉଡ଼ାଇବା ପାଇଁ ବଜାରରେ ବିଭିନ୍ନ ପ୍ରକାର ରସାୟନିକ ତରଳ ପଦାର୍ଥର ରିଫିଲ୍ କଏଲ ଆଦି ମିଳୁଛି। ହେଲେ, ଏଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ବଦଳରେ ଏସବୁ ବ୍ୟବହାର କରିପାରିବେ। ଘରେ କପୂର ଜଳାନ୍ତୁ । ଜଳାଇବା ସମୟରେ ୧୦ମିନିଟ୍ କବାଟ ଝରକା ବନ୍ଦ କରିଦେବା। ଏହାପରେ ଖୋଲିଦେଲା ପରେ ମଶା ପଳାଇବେ। ରସୁଣର କଡ଼ା ବାସ୍ନା ମଶାଙ୍କୁ ଦୂରେଇ ରଖେ । ତେଣୁ ଦେହରେ ରସୁଣ ରସ ମାରି ପାରନ୍ତି। ଲାଭେଣ୍ଡର ତେଲର ବାସ୍ନାରେ ମଶା ପଳାନ୍ତି । ଏହାକୁ ଫ୍ରେସ୍‌ନର ଭାବେ ବ୍ୟବହାର କରି ମଶା ଦାଉରୁ ମୁକ୍ତି ପାଇପାରିବେ । ମଶା ପାଇଁ ବ୍ୟବହାର କରୁଥିବା ରିଫିଲରେ ନିଳଗିରି ତେଲ ଏବଂ ଲେମ୍ବୁରସ ମିଶାଇ ରଖନ୍ତୁ।

ନିମ୍ବ ତେଲକୁ ହାତ ପାଦରେ ଲଗାନ୍ତୁ ନଚେତ ନଫିଆ ତେଲରେ ନିମ୍ବ ତେଲ ମିଶାଇ ଦୀପ ଜାଳନ୍ତୁ । ମଶା ରହିବେ ନାହିଁ । ଘରେ ପୋଦିନା ପତ୍ର ରସ ସିଞ୍ଚନ କରନ୍ତୁ । ଏହାର ରସ ମଧ୍ୟ ଦେହରେ ଲଗାଇଲେ ମଶାକାମୁଡ଼ିବେନି । ତୁଳସୀ ଗଛ ମଶାଙ୍କୁ ଦୂରେଇ ରଖେ। ତୁଳସୀ ପତ୍ରର ରସ ଦେହରେ ଲଗାଇଲେ ଏହା ମଧ୍ୟ ମଶାଠାରୁ ସୁରକ୍ଷା ଦେବ। ଏଯାବତ୍ ମ୍ୟାଲେରିଆର କୌଣସି ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇପାରିବ ନାହିଁ । ଚଳିତ ବର୍ଷ ସୁଦ୍ଧା ଆର୍ଟିଏସ୍ ଟିକା ପ୍ରସ୍ତୁତ ହୋଇ ଘାନା, ମାଲାୱି ଏବଂ କୋନିଆରେ ହେବାର ଥିଲା । ତେବେ ପରେ ଏହି କାର୍ଯ୍ୟକ୍ରମ ବର୍ଷ ଶେଷକୁ ଘୁଞ୍ଚାଇ ଦିଆଯାଇଛି ଏବଂ ତିନୋଟି ମଧ୍ୟରୁ କୌଣସି ଗୋଟିଏ ଦେଶରେ ହେବାର ଦୂତନା ମିଳିଛି । ପୂର୍ବରୁ ୨୦୧୧ ମସିହାରେ ଏହି ଟିକା ପ୍ରସ୍ତୁତି ଚାଲିଥିବା ବେଳେ ୨୦୧୫ ମସିହା ସୁଦ୍ଧା ଏହା ଲାଇସେନ୍ସ ପାଇ ବ୍ୟବହାର ଉପଯୋଗୀ ହେବ ବୋଲି ଚର୍ଚ୍ଚାହେଉଥିଲା, ଯାହା ପୁଣି ବିଳମ୍ବିତ ହୋଇଯାଇଛି ।

କେତେକ ଅସାବଧାନତା

ମ୍ୟାଲେରିଆ ପରି ଅସୁସ୍ଥତା କ୍ଷେତ୍ରରେ ଏହାକୁ ସାଧାରଣ ଜ୍ୱର ଭାବି ଅନେକ ମନକୁ ମନ ଔଷଧ ଖାଲିଦିଅନ୍ତି। ଏହା ବିପଦଜନକ ହୋଇପାରେ ଆସ୍ପିରିନ୍ ଜାତୀୟ ଔଷଧ ଖାଇବା ଅଦୌ ଉଚିତ୍ ନୁହେଁ । କେତେକ ଯନ୍ତ୍ରଣା ନିବାରକ ଔଷଧ ମନା କାରଣ ଯଦି ଡେଙ୍ଗୁ ଆକ୍ରାନ୍ତ କରିଥାଏ, ତେବେ ଏହି ଔଷଧ ପ୍ଲେଟେଲେଟସ୍ ଅଭାବ ହୋଇ ଶରୀରୁ ରକ୍ତ ସ୍ରାବ ଆମ୍ଭ ହୋଇଥାଏ । ଜ୍ୱର ହେଲେ ମଧ୍ୟ ଆଣ୍ଟବାୟୋଟିକ୍ସ ଖାଇବା ଅନେକଙ୍କର ଅଭ୍ୟାସ। ଏହାଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ଏହା ଉପରେ ନିର୍ଭରଶୀଳ ହୋଇଯାଏ ଏବଂ କେତେକ ସ୍ଥଳେ ଉପକାରୀ ବ୍ୟାକ୍ଟେରିଆ ବି ନଷ୍ଟ ହୋଇଯାନ୍ତି । ଜ୍ୱର ହୋଇଥିବା ରୋଗୀଙ୍କୁ ବହୁବାର ଚାଦର ଘୋଡ଼ାଇ ଶୋଇବାକୁ କୁହାଯାଏ। ଏହାଦ୍ୱାରା ଝାଳ ବୋହି ଜ୍ୱର ଛାଡ଼ିଯିବ ବୋଲି ଧାରଣା ରହିଛି। କିନ୍ତୁ ଏଥିରେ ଶରୀରର ତାପ ବଢ଼େ । ତେଣୁ ରୋଗୀଙ୍କୁ ଖୋଲା, ସତେଜ ପବନ ବାଜିବା ପରି ସ୍ଥାନରେ ରଖନ୍ତୁ ଗାଧୋଇବା ସମ୍ଭବ ନହେଲେ ଓଦା ଗାମୁଛାରେ ପୋଛିଦେବା ଉଚିତ୍ । ଏହା ସ୍ୱାସ୍ଥ୍ୟ ପାଇଁ ହିତକାରକ ହେବା ସହିତ ଆରାମ ଲାଗିଥାଏ ।

ମଣିଷକୁ ପ୍ରାୟ ୫୦ ହଜାର ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପ୍ରଭାବିତ କରିଆସୁଛି । ଏଯାବତ୍ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏହାର ସମ୍ପୂର୍ଣ୍ଣ ବିଲୋପ ସମ୍ଭବ ହୋଇପାରିନାହିଁ । ଏହି ମାରାତ୍ମକ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏଣିକି ବ୍ୟାପକ ପଦକ୍ଷେପ ନିଆଯାଉଛି ।



ଏଠାରେ ଖାଦ୍ୟ ପରଷନ୍ତି ମାଙ୍କଡ଼

ଆଜିଯାଏଁ ଆପଣ କେବଳ ମଣିଷମାନଙ୍କୁ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଖାଇବା ପରଷୁଥିବାର ଦେଖିଥିବେ, ଭାବନ୍ତୁ ଯଦି ଏହି ସ୍ଥାନରେ ଆପଣଙ୍କୁ ଏକ ମାଙ୍କଡ଼ ଖାଇବା ପରଷିବେ ତାହାଲେ। ଜାପାନରେ ଏପରି ଏକ ରେଷ୍ଟୁରାଣ୍ଟ ଅଛି, ଯେଉଁଠାରେ ମଣିଷମାନଙ୍କ ସ୍ଥାନରେ ମାଙ୍କଡ଼ମାନେ ୱେଟର ଭାବେ କାମ କରିଥାନ୍ତି। ଏହି ରେଷ୍ଟୁରାଣ୍ଟର ନାମ କାବୁଲି ଯାହା ଟୋକିଓ ଠାରେ ଅଛି। ଏଠାରେ ଖାଇବା ପରଷିବା ଠାରୁ ଆରମ୍ଭ କରି ଆପଣଙ୍କର ଅଇଁଠା ଥାଳି ମଧ୍ୟ ମାଙ୍କଡ଼ମାନେ ଉଠେଇଥାନ୍ତି। ଏହି ମାଙ୍କଡ଼ ୱେଟରମାନଙ୍କର ପୋଷାକ ମଧ୍ୟ ପିନ୍ଧିଥାନ୍ତି। ଖବର ଅନୁସାରେ ଜାପାନର ନିୟମ ଅନୁସାରେ କୌଣସି ପଶୁକୁ ଘଣ୍ଟାରୁ ଅଧିକ ସମୟ କାମ କରିପାରିବେ ନାହିଁ, ଏହି ରେଷ୍ଟୁରାଣ୍ଟରେ ମାଙ୍କଡ଼ ୟେଟ ଚିନ ଏବଂ ଫୁକୁ ଚିନ ଏଠାରେ କାମ କରୁଛନ୍ତି। ଗ୍ରାହକ ଆସିବା କ୍ଷଣି ଏମାନେ ଗ୍ରାହକଙ୍କୁ ବସାଇ ଖାଇବା ଆଦେଶ ମଧ୍ୟ ଦେଇଥାନ୍ତି।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଙ୍କଟ ଅଧିକ ହେବ ...

ଦେଶର ଜନସଂଖ୍ୟା ଲକ୍ଷେ ତିରିଶ କୋଟି ହେଲାଣି, ଆହୁରି ବଢ଼ିବ । ଦେଶରେ ଗରିବଙ୍କ ସଂଖ୍ୟା ମଧ୍ୟ ଆଶାନୁରୂପ କମିନାହିଁ । ଗ୍ରାମାଞ୍ଚଳରେ ସତୁରି ପ୍ରତିଶତ ବାସ କରୁଥିବାବେଳେ ତିରିଶ ପ୍ରତିଶତ ଏବେ ବି ସହରାଞ୍ଚଳରେ ଅଛନ୍ତି । ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ପ୍ରାଥମିକ ଆବଶ୍ୟକତା ଏବେ ବି ଅପହଞ୍ଚ ହୋଇ ରହିଛି । ସହରାଞ୍ଚଳରେ ପାଇପ୍‌ପାଣି ସତୁରୀ ପ୍ରତିଶତ ପାଉଥିବାବେଳେ ଅନ୍ୟମାନଙ୍କୁ କୂଅ, ନଳକୂଅ ଇତ୍ୟାଦିରୁ ପାନୀୟ ଜଳ ସଂଗ୍ରହ କରିବାକୁ ହୁଏ । ଓଡ଼ିଶାର ଅବସ୍ଥା ଆହୁରି ଖରାପ । ପ୍ରାୟ ଦଶ ହଜାର ଲୋକଙ୍କ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ, ଏ ପର୍ଯ୍ୟନ୍ତ ହଜାର ହଜାର ଗ୍ରାମକୁ ବିଦ୍ୟୁତ ନାହିଁ ନା ଅଧେରୁ ଅଧିକ ଲୋକଙ୍କୁ ପାନୀୟ ଜଳ ମଧ୍ୟ ମିଳେ ନାହିଁ । ଆଦିବାସୀ ଅଧୁଷିତ ଗ୍ରାମମାନଙ୍କର ଅବସ୍ଥା ଏପରି ଯେ ଅନେକ ଗ୍ରାମରେ ଶୁଦ୍ଧ ପାଣି ମିଳେନି ଆଉ କେତେକ ଗ୍ରାମରେ ଦୂରରେ ଥିବା ପୋଖରୀ, ବନ୍ଧ, ନଈନାଳରୁ ଜଳ ସଂଗ୍ରହ କରିବାକୁ ହୁଏ । ସ୍ୱଚ୍ଛ ଜଳ ନାହିଁ ବା ବିଦ୍ୟୁତ୍ ସଂଯୋଗ ନାହିଁ । ସରକାର ଏହି ଅଭାବ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ମଧ୍ୟ କାମ ଧୀର ମନ୍ଥର ଗତିରେ ଚାଲିଛି । ଦାରିଦ୍ର୍ୟ ହ୍ରାସ ପାଇଛି, କିନ୍ତୁ ଦାରିଦ୍ର୍ୟର ସୀମାରେଖା ଚଳେ ଏବେ ବି ତିରିଶ ପ୍ରତିଶତ ରହିଛି । ଅନେକ ଗ୍ରାମରେ ବିଦ୍ୟାଳୟ ନାହିଁ ଏବଂ ଦୂରଗ୍ରାମକୁ ଯିବାକୁ ହୁଏ ଶିକ୍ଷା ପାଇଁ । ଅବଶ୍ୟ ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନ, ପରିଧାନ ଓ ପାଠ୍ୟପୁସ୍ତକ ସରକାର ଦେଉଥିବାରୁ ପ୍ରାଥମିକ ଶିକ୍ଷା ସ୍ତରର ଅବସ୍ଥାରେ ଉନ୍ନତି ହୋଇଛି । ଦୈନନ୍ଦିନ ଉପାର୍ଜନ ଷାଠିଏ ସତୁରି ଭିତରେ । ଏବେ ବି ବସ୍ତ୍ର ଓ ବାସସ୍ଥାନ ପ୍ରାଥମିକ ସ୍ତରରେ ଅଛି । ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟର ଅବସ୍ଥା ସନ୍ତୋଷଜନକ ନୁହେଁ । ହକି ମ୍ୟାଚ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟ ଓ ସରକାର ଯୋଗାଇଥିବା ସୁବିଧାସୁଯୋଗ ବୃଦ୍ଧି ପାଉଥିବାରୁ ଲୋକଙ୍କ ସୁଖସୁବିଧାରେ ଉନ୍ନତି ହେଉଛି । କେବଳ ଓଡ଼ିଶାରେ ନୁହେଁ ଦେଶର ଅନେକ ସ୍ଥାନରେ ବାସସ୍ଥାନ, ଜଳଯୋଗାଣ, ଯୋଗାଯୋଗ, ବିଦ୍ୟୁତ, ପାନୀୟ ଜଳ ସୁବିଧା ପ୍ରାଥମିକ ସ୍ତରରେ ଥିବାରୁ ପେଟରୋଗ, ମ୍ୟାଲେରିଆ ଓ ବିବିଧ ରୋଗର ଦୌରାତ୍ମ୍ୟ ଲାଗି ରହିଛି । ଓଡ଼ିଶା ସରକାର ପ୍ରାୟ ବର୍ଷେ ହେବ ଗ୍ରାମଞ୍ଚଳରୁ ଦାରିଦ୍ୟ ଦୂର କରିବା ପାଇଁ ବୟସ୍କ ଲୋକଙ୍କୁ ଧର୍ମପୀଠ ଓ ତୀର୍ଥସ୍ଥାନମାନଙ୍କୁ ଭ୍ରମଣରେ ପଠାଉଥିବାରୁ ଲୋକଙ୍କୁ ଦେଶ ଭ୍ରମଣ ପାଇଁ ସୁଯୋଗ ମିଳୁଛି । କିନ୍ତୁ ଯୋଗାଯୋଗ, ବିଦ୍ୟୁତ, ପାନୀୟ ଜଳ ଓ ବାସ ଉପଯୋଗୀ ଗୃହ ଯୋଗାଣ କ୍ଷେତ୍ରରେ ଏବେ ବି ଅବସ୍ଥା ଖରାପ । ଏକଟଙ୍କିଆ ଚାଉଳ ଗରିବମାନଙ୍କୁ ଯୋଗାଇ ଦବା ଯୋଗୁଁ ସେମାନଙ୍କ ଭୋକର ଜ୍ୱାଳା କମିଛି ସିନା କାମ ମିଳୁ ନଥିବାରୁ ସେମାନଙ୍କ ସ୍ୱାଭିମାନ ହଜି ଯାଉଛି ଏବଂ ସରକାରୀ ସାହାଯ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ସେମାନେ ଏକଟଙ୍କିଆ ଚାଉଳରୁ ଏକାଂଶ ବିକ୍ରି କରିଦେଇ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବ୍ୟୟ କରିବାକୁ ହେଉଛି । ସବୁଠାରୁ ବଡ଼ କଥା ହେଉଛି ଗ୍ରାମାଞ୍ଚଳର ଲୋକଙ୍କ ହାତକୁ ପଚାଷ ଷାଠିଏ ଟଙ୍କାରୁ ଅଧିକ ଆସୁ ନଥିବାରୁ ବସ୍ତ୍ର, ବାସସ୍ଥାନ, ପିଲାଙ୍କ ଶିକ୍ଷା ଇତ୍ୟାଦି ପାଇଁ ଆବଶ୍ୟକ ଅର୍ଥ ଯୋଗାଇବା ସମ୍ଭବ ହେଉ ନାହିଁ । ଫଳରେ ଏକଟଙ୍କା ଚାଉଳରୁ ଗୋଟିଏ ଅଂଶ ବିକ୍ରି କରି ସେସବୁ କାର୍ଯ୍ୟ କରିବାକୁ ପଡୁଛି । ସେମାନଙ୍କ ହାତରେ କ୍ରୟଶକ୍ତି ନ ଥିବାରୁ ସେମାନେ ଗରିବ ଅବସ୍ଥାରେ ଅଛନ୍ତି ଏବଂ ସେମାନଙ୍କର ଜୀବନଚର୍ଯ୍ୟାର ଉନ୍ନତି ହେଉ ନାହିଁ । ଦାରିଦ୍ର୍ୟ ଦୂର କରିବାପାଇଁ ହେଲେ ରୋଜଗାର କରିବା ପାଇଁ ବାଟ ମିଳିବା ଦରକାର । ଓଡ଼ିଶା ଦୀର୍ଘ କାଳଧରି ଅନ୍ୟାନ୍ୟ ରାଜ୍ୟମାନଙ୍କର ନିର୍ଭର କରିବାକୁ ପଡୁଛି । ଓଡ଼ିଶାର ଲୋକଙ୍କୁ ସାଧାରଣ ସାମଗ୍ରୀ ଯୋଗାଇଦବା ପାଇଁ ପରିବା, ଡାଲି, ପିଆଜ, ଆଳୁ ଇତ୍ୟାଦି ସହିତ ଦୈନନ୍ଦିନ ଆବଶ୍ୟକତାର କିଛିଅଂଶ ବାହାର ରାଜ୍ୟରୁ ଆସିଥାଏ । କିନ୍ତୁ ଓଡ଼ିଶାରୁ ଅନ୍ୟାନ୍ୟ ରାଜ୍ୟକୁ ପ୍ରାୟ କିଛି ସାମଗ୍ରୀ ଯାଏ ନାହିଁ । ଯଦି କାମ ଓ ସନ୍ଦାର ବିକାଶ କରିବା ଦ୍ୱାରା ବାହାର ରାଜ୍ୟରୁ ଆମଦାନୀ ନ କରି, ସେତକ ବଦଳରେ ଯଦି ଏସବୁ ସାମଗ୍ରୀର ଉତ୍ପାଦନ ବୃଦ୍ଧି କରି ପ୍ରତିବେଶୀ ରାଜ୍ୟମାନଙ୍କୁ ପଠାଇବା ସମ୍ଭବ ହୁଅନ୍ତା ତେବେ ଓଡ଼ିଶାବାସୀଙ୍କ ରୋଜଗାର ବଢ଼ନ୍ତା ଏବଂ ସେମାନଙ୍କ ଚଳଣି ଓ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ଭିତରେ ଥିବା ଆଭାସ ରହନ୍ତା ନାହିଁ ।

ଗାଲରେ ତୁମର ଲାଗିଛି ରଙ୍ଗ...

ଦୁଷ୍ମନ୍ତ ବେହେରା

ସାମ୍ନାରୁ ଚାହିଁଲେ ତୁମେ ହସିନୀ
ଦିଶ ନୀଳିମାଖି ହସ
ବେଳେ ନିଜଠାରୁ ଫୁଲ ବଉଦ
ଲାଜୁଆ ମୁଖି ପାଟ !!

ତୁମ ପ୍ରେମ ସ୍ପର୍ଶରେ ଯୌବନ ଉଠେ
ମିଠା ମିଠା କଥାରେ ଜୀବନ ହସେ
ଗାଲେ ରଙ୍ଗରେ ରଙ୍ଗେଇ ଦବ
ଚିତ୍ର ବିଚିତ୍ର ନାନା ରଙ୍ଗ !!

ତୁମ ପ୍ରେମ ମୋ ବଶ
ଜୀବନ କାଳର ଆୟତ୍ତ
ନାଲି ଅଳତାକୁ ନାଲି ସିନ୍ଦୁର
ମୋ ଭବିଷ୍ୟତର ଲକ୍ଷ୍ୟ !!

ଝରକା ସେପାଖେ ଚାହିଁ ବସିଛି
ଅଗଣାରେ ପାଦ ଦବ
କବାଟ ଖୋଲି ଚାହିଁ ଦବ
ମନ ଭିତରେ ଲଗେଇ ଦବ ରଙ୍ଗ !!

ଭିଜା ରାତିର କାକର ଠୋପା
କ୍ଷୁଦ୍ର ତରଙ୍ଗ ପ୍ରେମ ସୂତ
ଆତ୍ମା ଶରୀର ମହକି ଉଠିବ
ଶିଶିର ଠୋପାର ପ୍ରେମ !!

ଜାଣି ଥିଲି ତୁମ ସ୍ୱପ୍ନ
ମୋ ପାଇଁ ପ୍ରେମ
ତୁମ ଭବିଷ୍ୟତ ମୋ ପାଇଁ
ପ୍ରଥମ ଦେଖାର ବାଟ !!

ମାରିଲ ରଙ୍ଗ ମନ ହୃଦୟେ
ଲିଭୁ ନାହିଁ ସେ ଦାଗ
ଉତ୍ତେଜନା ଭାଷା ବୁଝିଯାଅ ତୁମେ
ମୋ ମନ ରାଇଜର ରଙ୍ଗ !!

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ -୯୯୩୭୫୬୨୫୦୪

ଧର୍ମ ଓ ସଂସ୍କୃତିର ଭୂମିକା

ଗୋପାଳ ମହାପାତ୍ର

ଧର୍ମ ଏବଂ ସଂସ୍କୃତିକୁ ନେଇ ଅନେକ ସମୟରେ ବିତର୍କ ହୁଏ। କିନ୍ତୁ ସେତେବେଳେ ଆମେ ଭୁଲିଯାଇଥାଉ ଯେ, ସର୍ବଦା ଧର୍ମ ଓ ସଂସ୍କୃତିକୁ ନେଇ ଭାରତର ପରିଚୟ। ଧର୍ମ ଓ ସଂସ୍କୃତି ପରସ୍ପରର ପରିପୂରକ। ଧର୍ମ ସଂସ୍କୃତିର ଅଧାର ଓ ଅନ୍ୟପକ୍ଷରେ ସଂସ୍କୃତି ଧର୍ମର ସମ୍ବାହିକା ଅଟେ। ଉଭୟେ ନିଜ ନିଜ ପରିପ୍ରେକ୍ଷୀରେ ରାଷ୍ଟ୍ରର ନିର୍ମାଣ ଏବଂ ରାଷ୍ଟ୍ରୀୟଭାର ସଂରକ୍ଷଣ ପାଇଁ ସହାୟକ ସିଦ୍ଧ ହୋଇଥାଏ। ଧର୍ମ ନିଜର ସ୍ୱାଭାବିକତା ସହିତ ସାମାଜିକ ପରିବେଶର ଆଧାର ହୋଇଥାଏ ଓ ଅନ୍ୟପଟେ ସଂସ୍କୃତି ସାମାଜିକ ମୂଲ୍ୟର ନିର୍ମାଣ କରିଥାଏ। ଏକଥା କହିଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ ଧର୍ମର ସୁତ୍ର ମାନବର ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରିଥାଏ ସେହିପରି ସଂସ୍କୃତି ମାନବୀୟ ସମ୍ବେଦନାକୁ ସାମାଜିକ ସ୍ତରରେ ଯୋଡି ହେଉଥାଏ। ସେହିପରି ଧର୍ମ କାଳାନ୍ତରରେ ସଂସ୍କୃତିର ରକ୍ଷା କରିଥାଏ ଏବଂ ସଂସ୍କୃତି ଧର୍ମର ଆଧାରକୁ ବିକଶିତ କରିଥାଏ। ଯେଉଁଠି ଧର୍ମ ଆମର ସର୍ବସ୍ୱର ପ୍ରତୀକ ହୋଇଥାଏ ସେଇଠି ସଂସ୍କୃତି ଆମର ସ୍ୱାଭାବିକ ଜୀବନଶୈଳୀର ବାହିକା ଭାବେ କାର୍ଯ୍ୟ କରିଥାଏ। ଉଭୟେ ଭାରତୀୟ ମୂଲ୍ୟବୋଧର ଜୀବନରେଖା ଏବଂ ସଂସାରରେ (ବିଶ୍ୱରେ) ଏହି କାରଣରୁ ଭାରତର ମାନ ସମ୍ମାନ ଅକ୍ଷୁର୍ଣ୍ଣ ରହିଛି। ପ୍ରାଚୀନ କାଳରେ ଧର୍ମ ଏକ ନାଗରିକର ଜୀବନର ଉଦ୍ଦେଶ୍ୟର ଅଧାର ଥିଲା। ଧର୍ମ ପ୍ରତୀକ ନହୋଇ ମଧ୍ୟ ସମଗ୍ର ଚେତନାର ସ୍ତମ୍ଭ ଥିଲା। ପରିଣାମ ସ୍ୱରୂପ ଭାରତର ସାମାଜିକ, ଆର୍ଥିକ ଏବଂ ନୈତିକ ବ୍ୟବସ୍ଥା ମଜଭୁତ ଥିଲା। ସେହିପରି ଭାରତୀୟମାନଙ୍କ ଜୀବନ ଶାନ୍ତ ଏବଂ ସୁଖମୟ ଥିଲା। ସେତେବେଳେ ସଂସ୍କୃତି ଭାରତୀୟତାକୁ ପରିଭାଷିତ କରୁଥିଲା ଏବଂ ଭାରତର ସମସ୍ତ ବ୍ୟବସ୍ଥା ସଂସ୍କୃତି ଉପରେ ଆଧାରିତ ଥିଲା। ସଂସ୍କୃତିର ସୌରଭ ହିଁ ଆମ ରାଷ୍ଟ୍ରର ସୌରଭ ଥିଲା। ଆମର ପାରିବାରିକ ଏବଂ ସାମାଜିକ ପୃଷ୍ଠଭୂମି ନିରନ୍ତର ବିକଶିତ ହୋଇଚାଲିଥିଲା। ଆମର ବୈଚାରିକ ଦୃଷ୍ଟିକୋଣ ମଧ୍ୟ ଆମର ସଂସ୍କୃତି ଉପରେ ଆଧାରିତ ଥିଲା ଏବଂ ଜୀବନର ସମ୍ପୂର୍ଣ୍ଣ ଉନ୍ନତି ମଧ୍ୟ ହୋଇପାରିଥିଲା। ଧୀରେ ଧୀରେ ଆମର ଧାର୍ମିକ ମାନ୍ୟତା ସ୍ଥିର ହେବାରେ ଲାଗିଲା ଏବଂ ସଂସ୍କସ୍କୃତିର ବିକାଶ ହେଲା। ଗୋଟିଏ ବାକ୍ୟରେ କହିବାକୁ ଗଲେ ଧର୍ମ ଏବଂ ସଂସ୍କୃତି ଆମର ଭାରତୀୟତାକୁ ବିକଶିତ କରିଥିଲେ। ଭାରତୀୟ ଧର୍ମର ବିଶେଷତା ହେଉଛି ଏଥିରେ ଜଟିଳତା ନାହିଁ ଓ ସତତ ଚିନ୍ତନର ଅବଧାରଣାକୁ ବିକଶିତ କରିବାରେ ସହାୟତା କରିଥାଏ। ଏହି କାରଣରୁ ଅନେକ ଧର୍ମର ଉଦୟ ହୋଇଥିଲା। ବୌଦ୍ଧ, ଜୈନ ଏବଂ ପରେ ଶିଖ ଧର୍ମ ନିଜର ଚିନ୍ତନଶୈଳୀକୁ ବିକଶିତ କରିଥିଲେ। କିନ୍ତୁ ସବୁପରେ ମଧ୍ୟ ମୂଳ ସନାତନ ଧର୍ମ ହିଁ ରହିଥିଲା। ସନାତନ ଧର୍ମର ଆଶ୍ରୟ ହିନ୍ଦୁଧର୍ମରେ କେବଳ ନାହିଁ ବରଂ ବୌଦ୍ଧ, ଜୈନ ଓ ଶିଖ ଧର୍ମରେ ମଧ୍ୟ ରହିଛି। ଭଗବାନ ବୁଦ୍ଧ ଏବଂ ମହାବୀର ସନାତନ ଧର୍ମର ସଂସ୍କାରରେ ଜନ୍ମ ନେଇଥିଲେ କିନ୍ତୁ ସେମାନେ ନିଜର ଚିନ୍ତନକୁ ସ୍ୱତନ୍ତ୍ର ସ୍ୱରୂପ ପ୍ରଦନା କରି ନୂଆ ଧାର୍ମିକ ବ୍ୟବସ୍ଥାର ନିର୍ମାଣ କରିଥିଲେ। ଭଗବାନ ବୁଦ୍ଧ ଧର୍ମର ସ୍ୱତନ୍ତ୍ର ବ୍ୟାଖ୍ୟା କରିଥିଲେ କିନ୍ତୁ ମୂଳତଃ ତାଙ୍କର ସାଂସ୍କୃତିକ ଚିନ୍ତନକୁ ସେଥିରେ ଅଧିକ ଗୁରୁତ୍ୱ ଦେଇଥିଲେ। ଭାରତୀୟ ମାନସିକତାକୁ ଧର୍ମର ବାସ୍ତବିକତା ସହ ଯୋଡି ଦେଇଥିଲେ ଏବଂ ସବୁ ବର୍ଗଙ୍କୁ ଧର୍ମରୁ ହେବାକୁ ଥିବା ଲାଭ ବାବଦରେ ବୁଝାଇଥିଲେ। ଭାରତୀୟ ମୂଳ ଦର୍ଶନ ସନାତନ ଧର୍ମକୁ ହିଁ ଦର୍ଶାଇଥାଏ ଏବଂ ହିନ୍ଦୁ, ବୌଦ୍ଧ, ଜୈନ ଏବଂ ଶିଖ ଧର୍ମ ସେହି ବ୍ୟବସ୍ଥାକୁ ମଜଭୁତ କରିଥାଏ। ଯଦ୍ୟପି ସବୁ ଧର୍ମର ନିଜ ନିଜ ପରିବେଶରେ ବିକଶିତ ହେବାର ଧାର୍ମିକ ସ୍ୱାଧୀନତା ରହିଛି କିନ୍ତୁ ସାଂସ୍କୃତିକ ଏକତା ବଜାୟ ରହିଛି। ଭାରତୀୟ ସଂସ୍କୃତିର ସାମଗ୍ରିକ ବିକାଶରେ ଭାରତର ସବୁ ଧର୍ମର ଯୋଗଦାନ ରହିଛି। ଏହିପରି ଭାରତର ସାମାଜିକ ବ୍ୟବସ୍ଥା ଧାର୍ମିକ ଏବଂ ସାଂସ୍କୃତିକ ହୋଇ ମଧ୍ୟ ବୈଜ୍ଞାନିକ ବିଚାରକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ବିକାଶର ନୂଆ ସମ୍ଭାବନାକୁ ସହଯୋଗ କରି ଆସିଛି। ଧର୍ମର ମାର୍ଗଦର୍ଶନରେ ହିଁ ଭାରତୀୟ ଚିନ୍ତନ ବ୍ୟବସ୍ଥା ବିକଶିତ ହୋଇଛି ଏବଂ କାଳାନ୍ତରରେ ବିଶ୍ୱ ସମୁଦାୟର ଚିନ୍ତନ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଏହାର ଫଳ ସ୍ୱରୂପ ଭାରତ ଧର୍ମ ଗୁରୁର ମାନ୍ୟତା ପାଇବାକୁ ସମର୍ଥ ହୋଇଛି।

ଭାରତର ଧାର୍ମିକ ଦୃଷ୍ଟିକୋଣ ସହ ରାଜନୀତି, ଆର୍ଥିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ଯୋଡ଼ି ହୋଇଗଲା। ବିଶ୍ୱର ଅନେକ ଦେଶଙ୍କ ସହିତ ଏବଂ ଏସିଆ ମହାଦେଶର କେତେକ ଦେଶ ସହ ଆମର ସମ୍ପର୍କ ନିବିଡ ହେଲା ଏବଂ ଭାରତୀୟ ଧର୍ମ ଏବଂ ସଂସ୍କୃତିର ମଧ୍ୟ ସମ୍ୟକ୍ ବିକାଶ ଘଟିଲା। ଏବେ ବି ସେ ସବୁ ଦେଶରେ ଭାରତୀୟ ଧର୍ମ ଏବଂ ସଂସ୍କୃତି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଭାରତୀୟ ଧର୍ମ ଏବଂ ସଂସ୍କୃତି କୌଣସି ଦେଶ ଅଥବା ବର୍ଗର ମାନ୍ୟତାକୁ ବିଲୋପ କରି ନଥାଏ ଏବଂ ତାର ପରିମାର୍ଜନା କରିଥାଏ। ସେହିପରି ଭାଷା ମାମଲାରେ ଦେଖିଲେ ଭାରତୀୟ ଭାଷା ବିଶ୍ୱର ଭାଷାମାନଙ୍କୁ ପ୍ରଭାବିତ କରିଛି ଏବଂ ଅନେକ ବିଦେଶୀ ଭାଷାର ସୃଷ୍ଟିରେ ଭାରତୀୟ ଭାଷାର ଯୋଗଦାନ ରହିଛି। ଏସିଆ ମହାଦେଶର ଅନେକ ଭାଷା, ସଂସ୍କୃତି, ପାଲି ଏବଂ ପ୍ରାକୃତ ଉପରେ ଆଧାରିତ। ଏସବୁ ପକଶିତ ବା ସୃଷ୍ଟ ଭାଷାରେ ଭାରତୀୟ ଦର୍ଶନ ଏବଂ ସଂସ୍କୃତି ପରିଲକ୍ଷିତ। ଭାରତୀୟ ଭାଷାବିଦ୍, ଧାର୍ମିକ ଗୁରୁ ଏବଂ ସଂସ୍କୃତି ପ୍ରେମୀ ବିଦ୍ୱାନମାନେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଭାରତର ସମ୍ମାନକୁ ଅଧିକରୁ ଅଧିକ କରିପାରିଛନ୍ତି। ଭାରତୀୟ ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଏବେ ଅନେକ ସଂସ୍ଥା ଓ ବ୍ୟକ୍ତି ବିଶେଷ କାର୍ଯ୍ୟରତ। ଆବଶ୍ୟକତା ରହିଛି ଯେ, ଭାରତୀୟ ଧର୍ମ ଏବଂ ସଂସ୍କୃତିର ବିଭିନ୍ନ ଦିଗକୁ ଆଧୁନିକ ପରିବେଶରେ ପରିଭାଷିତ କରାଯିବ। ଏପରିକି ଏସବୁ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବା ଉଚିତ୍। ଏହା ହୋଇପାରିଲେ ଭାରତ ସହ ଅନ୍ୟ ଦେଶମାନଙ୍କର ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇବା ସହ ରାଜନୈତିକ ଏବଂ ଆର୍ଥିକ ସମ୍ପର୍କ ମଧ୍ୟ ବଢିବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

କାମଦା ଏକାଦଶୀ

ଡକ୍ଟର ଶ୍ରୀହରି ପଣ୍ଡା

ଭଗବାନଙ୍କର ସମସ୍ତ ବ୍ରତମାନଙ୍କ ମଧ୍ୟରେ ଏକାଦଶୀ ବ୍ରତ ଶ୍ରେଷ୍ଠତମ ଅଟେ । ଭଗବାନଙ୍କ ଶରୀରରୁ ସୃଷ୍ଟି ହୋଇଥିବାରୁ ଏହି ବ୍ରତର ମାହାତ୍ମ୍ୟ ଅନକେ । ଏହି ଏକାଦଶୀ ଭଗବାନ ବିଷ୍ଣୁଙ୍କର ଅତିଶୟ ପ୍ରିୟତମା । ଏକାଦଶୀ ସମ ଅନ୍ୟ କୌଣସି ବ୍ରତ ନାହିଁ । ପୁନଶ୍ଚ ପୁରୁଷୋତ୍ତମ ମାସର ଏହି ଶୁକ୍ଳପକ୍ଷର ଏକାଦଶୀ ହେଉଛନ୍ତି ସର୍ବପାପନାଶିନୀ ଓ ପୁଣ୍ୟଦାୟିନୀ ମୋକ୍ଷସୌଖ୍ୟ ବିବର୍ଦ୍ଧନୀ ଓ ସର୍ବପାପହାରିଣୀ ଅଟନ୍ତି । ଏଣୁ ବ୍ରତୀଗଣ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଯତ୍ନର ସହିତ ଏହି ବ୍ରତ ଅନୁଷ୍ଠାନ କରିବା ଉଚିତ୍ । ଯେଉଁମାନେ ପରମ ଶ୍ରଦ୍ଧାର ସହିତ ଏହି ବ୍ରତ ଅନୁଷ୍ଠାନ କରିବେ ସେମାନେ ନିଃସନ୍ଦେହରେ ବୈକୁଣ୍ଠକୁ ଗମନ କରିବେ ବୋଲି ଶାସ୍ତ୍ର କହନ୍ତି ।

ଶ୍ରୀକୃଷ୍ଣ ଏକଦା ଯୁଧିଷ୍ଠିରଙ୍କୁ ଏହି ବ୍ରତର ମାହାତ୍ମ୍ୟ ସମ୍ପର୍କରେ କହିଛନ୍ତି,ଯେଉଁମାନେ ଯଥାବିଧି ଏହି ବ୍ରତ ପାଳନ କରିବେ, ସେମାନେ ଜୀବନ୍ମୁକ୍ତ ଓ ବିଷ୍ଣୁଙ୍କ ସଦୃଶ ଚତୁର୍ଭୁଜ ରୂପ ଲାଭ କରନ୍ତି । ଶ୍ରଦ୍ଧାଳୁ ହୋଇ ଏହି କାମଦା ଏକାଦଶୀ ନିଷ୍ଠାର ସହି ପାଳନ କଲେ ଐହିକ ଓ ପାରତ୍ରିକ ଜଗତରେ ବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ । ହେ ନୃପସ୍ତମ! ଏହି ପବିତ୍ର। ଏକାଦଶୀ ମାନବର ମହାପାତକ ନାଶିନୀ ଏବଂ ଭୁକ୍ତି-ମୁକ୍ତି ଫଳପ୍ରଦାୟିନୀ ।

ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ପୂର୍ବକାଳରେ ପୁଣ୍ଡରିକ ପ୍ରମୁଖ ମହାବିଷଧର ସର୍ପ ନାଗପୁରରେ ବାସ କରୁଥିଲେ । ସେହି ନାଗପୁରୀରେ ଗନ୍ଧର୍ବ,କିନ୍ନର ଏବଂ ଅପ୍ସରାଗଣ ନିଜର ସେବା ପ୍ରଦାନ କରୁଥିଲେ । ସେଠି ଅପ୍ସରା ଲଳିତା ଏବଂ ଗନ୍ଧର୍ବ ଲଳିତ ମଧ୍ୟ ସେବା କରୁଥିଲେ । ଥରେ ଲଳିତ ଏକାକୀ ସଙ୍ଗୀତ ଗାନ କରୁଥିବା ସମୟରେ ଲଳିତାଙ୍କୁ ମନେ ପକାଇବାରୁ ତାଙ୍କର ଜିହ୍ୱା ସ୍ଖଳିତ ହେବାକୁ ଲାଗିଲା,ଫଳରେ ପୁଣ୍ଡରିକ ତାଙ୍କୁ ଅଭିଶାପ ଦେଲେ ରାକ୍ଷାସ ହୋଇଯିବା ପାଇଁ । ଲଳିତ ମଧ୍ୟ ଶାପ ଫଳରେ ରାକ୍ଷାସ ହୋଇଗଲା । ଲଳିତା ସ୍ୱାମୀର ଏପରି ଅବସ୍ଥା ଦେଖି ଶୋକ କରିବା ସହିତ ସ୍ୱାମୀସଙ୍ଗ ନଛାଡି ରାକ୍ଷାସ ଲଳିତ ସହ ବଣ,ଜଙ୍ଗଲରେ ବାସ କଲା । ସ୍ୱାମୀ ନିଷ୍ଠୁର ଭାବରେ ମଣିଷମାନଙ୍କୁ ଭକ୍ଷଣ କରୁଥିବା ଦେଖି ଲଳିତା ସେଠାରୁ ଏକାକୀ ବଣ ମଧ୍ୟକୁ ପ୍ରବେଶ କଲା ଏବଂ ଯାଇ ବିନ୍ଧ୍ୟପର୍ବତରେ ଋଷ୍ୟଶୃଙ୍ଗ ମୁନିଙ୍କ ଆଶ୍ରମରେ ପହଞ୍ଚି ମୁନିଙ୍କୁ ପ୍ରଣାମ ପୂର୍ବକ ନିଜ ସ୍ୱାମୀର ପିଶାଚତ୍ୱ କେମିତି କଟିବ ତାହାର ଉପାୟ ଜିଜ୍ଞାସା କଲା । ଲଳିତାର କଥା ଶୁଣି ଋଷି କହିଲେ ଚୈତ୍ରମାସ ଶୁକ୍ଳପକ୍ଷର କାମଦା ନାମକ ଯେଉଁ ସର୍ବପାପହରା ଏକାଦଶୀ ଅଛି,ସେହି ବ୍ରତ ପାଳନ କର । ବ୍ରତ ପାଳନ କରି ତାର ଶୁଭଫଳ ନିଜ ସ୍ୱାମୀକୁ ଅର୍ପଣ କଲେ ତମ ସ୍ୱାମୀ ତତ୍‌କ୍ଷଣାତ୍ ପିଶାଚତ୍ୱରୁ ମୁକ୍ତ ହୋଇଯିବେ । ଋଷିଙ୍କ କଥାନୁସାରେ ଲଳିତା ନିଷ୍ଠାର ସହିତ ଏକାଦଶୀ ବ୍ରତ ପାଳନ କରି ବ୍ରତର ଫଳକୁ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାରୁ ଲଳିତ ପାପଶୂନ୍ୟ ହୋଇ ଦିବ୍ୟଦେହ ପ୍ରାପ୍ତ ହେଲେ । ଏଣୁ କାମଦା ଏକାଦଶୀ ନିଷ୍ଠାର ସହ ପାଳନ କରିବା ଉଚିତ୍ । ଏହା ବ୍ରହ୍ମହତ୍ୟାଦି ପାପବିନାଶକ ଏବଂ ପିଶାଚତ୍ୱ ବିମୋଚକ । ଏହି ବ୍ରତକଥା ପଠନ ଓ ଶ୍ରବଣରେ ବାଜପେୟ ଯଜ୍ଞର ଫଳ ଲାଭ ହୋଇଥାଏ ।

+ଗୌ

ବିନୋଦନ

ବିନୋଦନ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୨୩ ଅପ୍ରେଲ ୨୦୨୧



ରାଗି ଗଲେ ଶ୍ରୁତି

ଆଜିକାଲି ଅଧିକାଂଶ ସେଲେବ୍ରିଟି ଭେକେସନରେ ଯାଉଛନ୍ତି । କିଏ ମଲଦୀପ ଯାଉଛି ତ ଆଉ କିଏ ଗୋଆ । ଅନେକ ଷ୍ଟାର ତାଙ୍କ ସୋଶାଲ ଆକାଉଣ୍ଟରେ ଭେକେସନରେ ବିଭିନ୍ନ ଫଟୋ ମଧ୍ୟ ସେଆର କରୁଛନ୍ତି । କିଏ ବିକିନି ପିନ୍ଧି ଫଟୋ ସେଆର କରୁଛି ତ ଆଉ କିଏ ପୁଲ୍ ସାଇଡ୍ ଫଟୋ ସେଆର କରୁଛନ୍ତି । ତେବେ ନିକଟରେ ଭେକେସନରେ ଯାଉଥିବା ଏହି ସେଲେବ୍ରିଟିଙ୍କ ଉପରେ ବର୍ଷିଛନ୍ତି ସାଉଥ ବ୍ୟୁଟି ଶ୍ରୁତି ହସନ । ସେ ସେମାନଙ୍କୁ ନିନ୍ଦା କରିବା ସହ ତାଙ୍କ ଉପରେ ରାଗି ଯାଇଛନ୍ତି ।

ବଢୁଥିବା କରୋନା ମାମଲାକୁ ନେଇ ଶ୍ରୁତି ଚିନ୍ତା ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ ସେ ସେଲେବ୍ରିଟିଙ୍କୁ ଉପଦେଶ ମଧ୍ୟ ଦେଇଛନ୍ତି । ଏକ ସାକ୍ଷାତକାରରେ ଶ୍ରୁତି କହିଛନ୍ତି, ଦେଶରେ କରୋନା ସ୍ଥିତି ଚିନ୍ତାଜନକ ରହିଛି । ଏଭଳି ସ୍ଥିତିରେ ବଲିଉଡ ସେଲେବ୍ରିଟି ମାନେ ଭେକେସନ ପାଇଁ ଗୋଆ ମଲଦୀପ ଯିବା ଠିକ୍ ? ନୁହେଁ ।

ଶ୍ରୁତି ଆହୁରି କହିଛନ୍ତି, ମୁଁ ଖୁସି ଯେ ସେମାନେ ଛୁଟିଦିନ ପାଳନ କରୁଛନ୍ତି, ତାଙ୍କର ଏହି ଅଧିକାର ଅଛି । ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରୁଛି ଯେ ଏହା ଉଚିତ୍ ସମୟ ନୁହେଁ । ଯେତେବେଳେ ଆପଣ ବିନା ମାସ୍କରେ ପୁଲ୍‌କୁ ଯିବେ ସେତେବେଳେ ଅନେକ ଲୋକଙ୍କ ଜୀବନ ପ୍ରତି ବିପଦ ଆସିପାରେ । । ସମସ୍ତଙ୍କ ପାଇଁ ଏହା ଏକ କଷ୍ଟକର ସମୟ । ଏହି ମହାମାରୀ ଭିତରେ ଛୁଟି ବିତାଇବାକୁ ଯିବା ଏକ ଅସମ୍ବେଦନଶୀଳ । ତେଣୁ ସେଲେବ୍ରିଟିମାନଙ୍କୁ ମିଳିଥିବା ସୁବିଧାର ସେମାନେ ଭୁଲ୍ ଫାଇଦା ଉଠାଇବା ଉଚିତ ନୁହେଁ ବୋଲି ଶ୍ରୁତି କହିଛନ୍ତି ।

ଟାଇଗରଙ୍କୁ ମାତ୍ ଦେବେ ଦିଶା!

ବଲିଉଡ ଅଭିନେତ୍ରୀ ଦିଶା ପଟାନି । ନିଜ ସୌନ୍ଦର୍ଯ୍ୟ ଏବଂ ଫିଟ୍‌ନେସ୍ ପାଇଁ ବି-ଟାଉନ୍‌ରେ ବେଶ୍ ଜଣାଶୁଣା । ସେ ସୋଶାଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ । ପ୍ରତିଦିନ ତାଙ୍କର କିଛି ନା କିଛି ଭିଡିଓ ସାମ୍ନାକୁ ଆସିଥାଏ । ନିକଟରେ ଏଭଳି ହିଁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ତାଙ୍କର ତଥାକଥିତ ବୟଫ୍ରେଣ୍ଡ ଟାଇଗର ସ୍ରଫଙ୍କୁ ଟକ୍କର ଦେବା ପାଇଁ ଚେଷ୍ଟା କରୁଛନ୍ତି ।

ଟାଇଗରଙ୍କୁ ମାତ୍ ଦେବା ପାଇଁ ଦିଶା କରୁଛନ୍ତି ବଟରଫ୍ଲାଏ କିକ୍ । ତାଙ୍କର ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଦିଶା ଏହି ଭିଡିଓକୁ ନିଜ ଇନ୍‌ଷ୍ଟାଗ୍ରାମରେ ସେଆର କରି ଲେଖିଛନ୍ତି, "throwback ମୋର ଯେତେବେଳେ ପର ଥିଲା ।' ଦିଶାଙ୍କ ଏହି ଭିଡିଓଟି ତାଙ୍କ ପ୍ରଶଂସକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସୁଛି । ଦିଶାଙ୍କ ପ୍ରଶଂସକମାନେ ଏହି ଭିଡିଓକୁ ନେଇ ଭିନ୍ନ ଭିନ୍ନ ପ୍ରକାରର କମେଣ୍ଟ ମଧ୍ୟ କରିଛନ୍ତି । ଟାଇଗର ସ୍ରଫଙ୍କ ସହ ରହିବାର ଏହା ପ୍ରଭାବ ବୋଲି ଜଣେ ସୋଶାଲ ମିଡିଆ ୟୁଜର୍ସ ଲେଖିଛନ୍ତି । ୨୦୧୬ରେ ଏମ୍.ଏସ୍ ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ'ରୁ ବଲିଉଡରେ ଡେବ୍ୟୁ କରିଥିଲେ ଦିଶା । ଏହାପରେ ତାଙ୍କୁ ଫବାଗି-୨' ଏବଂ ଫଭାରତ' ଓ ଫମଲଙ୍ଗ' ଭଳି ଫିଲ୍ମରେ ଦେଖିବାକୁ ମିଳିଥିଲା ।

ଫୁଡି ଗର୍ଲ ନୋରା

ବି-ଟାଉନ୍‌ର ଆଇଟମ୍ ଗର୍ଲ ନୋରା ଫତେହି ନିଜ ନାଚ ଓ ମୁହଁର ଏକ୍ସପ୍ରେସନ୍‌କୁ ନେଇ ପ୍ରଶଂସକଙ୍କ ହୃଦୟରେ ଅଲଗା ଜାଗା ତିଆରି କରିଛନ୍ତି । ଏହି ଆଇଟମ୍ ଗର୍ଲ ନାଚ ବ୍ୟତୀତ ଅନେକ ଖାଦ୍ୟକୁ ନେଇ ମଧ୍ୟ ସ୍ୱତନ୍ତ୍ର ରୁଚି ରଖିଛନ୍ତି । ଏନେଇ ସାମାଜିକ ଗଣମାଧ୍ୟମରେ ନୋରା ଏକ ଭିଡିଓ ପୋଷ୍ଟ କରି ସୂଚନା ଦେଇଛନ୍ତି । ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଭିଡିଓରେ ନିଜକୁ ଫୁଡି ଗର୍ଲ ବୋଲି କହିଛନ୍ତି । ଭିଡିଓରେ ସେ ନିଜକୁ ଏକ କନ୍ୟା ରୂପରେ ସଜ ହୋଇ ସାଣ୍ଡୱିଚ୍‌ର ମଜା ନେଉଥିବା ଦେଖିବାକୁ ମିଳିଛି । ତେବେ ତାଙ୍କ ସାଣ୍ଡୱିଚ୍ ଖାଇବାର ଦୃଶ୍ୟ କ୍ୟାମେରାରେ କଏଦ୍ ହେଉଥିବା ସେ ଜାଣିବା ପରେ ନିଜ ମୁହଁକୁ ଓଢ଼ଣୀରେ ଲୁଚାଉଛନ୍ତି । ତେବେ ଏଭଳି ଚୁଲ୍‌ବୁଲି ଅନ୍ଦାଜକୁ ତାଙ୍କ ପ୍ରଶଂସକମାନେ ପସନ୍ଦ କରିଛନ୍ତି ।



ସୁଶାନ୍ତଙ୍କ ବାୟୋପିକ୍‌କୁ ନେଇ ରାଗିଗଲେ ବାପା

ଆସୁଛି ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ବାୟୋପିକ୍ ଫିଲ୍ମ । ଏହି ଫିଲ୍ମର ନାଁ ରହିଛି ଫନ୍ୟାୟ' । ନିକଟରେ ଏହାର ଟିଜର ରିଲିଜ ହୋଇଛି । ତେବେ ଏହି ଫିଲ୍ମ ଉପରେ ରୋକ୍ ଲଗାଇବା ପାଇଁ ଅପିଲ ହୋଇଛି । ଏଥିସହ ହାଇକୋର୍ଟ ନୋଟିସ ମଧ୍ୟ ଜାରି କରିଛନ୍ତି । ଖୋଦ୍ ସୁଶାନ୍ତ ସିଂହ ରାଜପୁତଙ୍କ ବାପା କେକେ ସିଂହ ଏହି ବାୟୋପିକ୍ ଫିଲ୍ମ ଉପରେ ରୋକ ଲଗାଇବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଅପିଲ କରିଛନ୍ତି । ତାଙ୍କ ପରିବାରର ବିନା ଅନୁମତିରେ ସୁଶାନ୍ତଙ୍କ ବାୟୋପିକ୍ ଫିଲ୍ମ ତିଆରି କରାଯାଇଥିବା ନେଇ ସେ ଅଭିଯୋଗ ଆଣିଛନ୍ତି । ଏହି ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଫିଲ୍ମ ନିର୍ମାତାଙ୍କୁ ନୋଟିସ ଜାରି କରିଛନ୍ତି ।

ଦିଲୀପ ଗୁଲାଟିଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମକୁ ନେଇ ବିବାଦ ସୃଷ୍ଟି ହୋଇଛି । ଖବର ଅନୁଯାୟୀ, ଏହି ଫିଲ୍ମ ନିର୍ମାଣ ପାଇଁ ସୁଶାନ୍ତଙ୍କ ପରିବାର ପକ୍ଷରୁ କୌଣସି ଅନୁମତି ନିଆଯାଇ ନାହିଁ । ସେପଟେ ଫିଲ୍ମର ନିର୍ମାତାମାନେ କହିଛନ୍ତି ଯେ ସୁଶାନ୍ତଙ୍କ ମାମଲା ସର୍ବସାଧାରଣ ଡୋମେନରେ ଅଛି, ତେଣୁ ଅନୁମତିର କୌଣସି ପ୍ରଶ୍ନ ଉଠୁନାହିଁ । ଏହି ବିବାଦ ଭିତରେ ଫିଲ୍ମର ଟିଜର ରିଲିଜ ହେବା ପରେ ସୁଶାନ୍ତଙ୍କ ପରିବାର ଲୋକେ ଆହୁରି ରାଗି ଯାଇଛନ୍ତି । ବାଧ ହୋଇ ସୁଶାନ୍ତଙ୍କ ବାପା ଫିଲ୍ମ ଉପରେ ରୋକ୍ ଲଗାଇବା ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ, ସୁଶାନ୍ତ ସିଂହଙ୍କ ବାୟୋପିକ୍ ଫିଲ୍ମ ଫନ୍ୟାୟ: ଦ ଜଷ୍ଟିସ୍'ର ଲିଡ୍ ରୋଲରେ ଜୁବେର କେ ଖାନ୍ ଅଛନ୍ତି । ଏଥିରେ ତାଙ୍କୁ ସୁଶାନ୍ତ ସିଂହ ରାଜପୁତଙ୍କ ଚରିତ୍ରରେ ଦେଖିବାକୁ ମିଳିବ । ନିକଟରେ ରିଲିଜ ହୋଇଥିବା ଟିଜରରେ ସୁଶାନ୍ତ ସିଂହଙ୍କ ଫିଲ୍ମି କ୍ୟାରିଅର ଠାରୁ ଆରମ୍ଭ କରି ତାଙ୍କ ମୃତ୍ୟୁ ଏବଂ ତାଙ୍କ ମୃତ୍ୟୁକୁ ନେଇ ଚାଲିଥିବା ତଦନ୍ତ, ସବୁ କିଛିର ଝଲକ ରହିଛି । ଏହି ଫିଲ୍ମରେ ରିଆ ଚକ୍ରବର୍ତ୍ତୀଙ୍କ ଚରିତ୍ରରେ ଶ୍ରେୟା ସୁକ୍ଲା ନଜର ଆସିବେ ।

ଆହୁରି ସୁନ୍ଦରୀ ହେବାକୁ ଯାଇ ଅସୁନ୍ଦର ହୋଇ ଫେରିଲେ ହିରୋଇନ୍

ଅନ୍ୟଠାରୁ ସୁନ୍ଦର ଦେଖାଯିବା ନିଶା ପ୍ରାୟ ସମସ୍ତଙ୍କୁ ଘାରିଥାଏ । ବିଶେଷ କରି ଅଭିନେତା ଓ ଅଭିନେତ୍ରୀଙ୍କ ନିକଟରେ ଏହା ଅଧିକାଂଶ ଦେଖିବାକୁ ମିଳିଥାଏ । ଏଥିପାଇଁ ତ ସେମାନେ ନିଜକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଉପାୟ ଆପଣାଇଥା'ନ୍ତି । ଏପରିକି ବ୍ୟୁଟି ଟ୍ରିଟ୍‌ମେଣ୍ଟର ସାହାର ମଧ୍ୟ ନେଇଥା'ନ୍ତି ସେମାନେ । ତେବେ ନିକଟରେ ଜଣେ ଅଭିନେତ୍ରୀଙ୍କ ପାଇଁ ଏହି ବ୍ୟୁଟି ଟ୍ରିଟ୍‌ମେଣ୍ଟ ମହଙ୍ଗା ପଡିଛି । ସୁନ୍ଦରୀ ହେବାକୁ ଯାଇ ସେ ଅସୁନ୍ଦର ହୋଇ ଫେରିଛନ୍ତି । ତାମିଲ ଫିଲ୍ମର ଲୋକପ୍ରିୟ ଅଭିନେତ୍ରୀ ରାଇଜା ୱିଲସନ । ସେ ନିକଟରେ ଆହୁରି ସୁନ୍ଦରୀ ହେବା ପାଇଁ ନିଜର ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାକୁ ଯାଇଥିଲେ । କିନ୍ତୁ ତାଙ୍କୁ ଏହି ସୁନ୍ଦରୀ ଚିକିତ୍ସା ମହଙ୍ଗା ପଡିଛି । ତାଙ୍କ ମୁହଁ ପୁରାପୁରି ବିଗିଡି ଯାଇଛି । ଡାକ୍ତରଙ୍କ ଭୁଲ୍ ଚିକିତ୍ସା ପାଇଁ ଏଭଳି ହୋଇଥିବା ସେ ଆଭିଯୋଗ ଆଣିଛନ୍ତି । ଏଥିସହ ଉକ୍ତ ସ୍କିନ୍ ଡାକ୍ତରଙ୍କୁ ସେ ନିନ୍ଦା ମଧ୍ୟ କରିଛନ୍ତି । ବ୍ୟୁଟି ଟ୍ରିଟ୍‌ମେଣ୍ଟ ପରେ ଅଭିନେତ୍ରୀଙ୍କ ମୁହଁର ଆଖିତଳ ଫୁଲିବା ସହ ନୀଳ ପଡିଯାଇଛି । ସେ ସୋଶାଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଛନ୍ତି । ଏଥିରେ ଭୁଲ୍ ଟ୍ରିଟ୍‌ମେଣ୍ଟ ପାଇଁ କିଭଳି ତାଙ୍କ ମୁହଁର ସେପ୍ ବିଗିଡି ଯାଇଛି, ତାହା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ଏହି ଫଟୋକୁ ପୋଷ୍ଟ କରି ସେ ଡାକ୍ତରଙ୍କ ନାଁ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଗତକାଲି ସେ ଏକ ସାଧାରଣ ବ୍ୟୁଟି ଟ୍ରିଟ୍‌ମେଣ୍ଟ ପାଇଁ ସ୍କିନ୍ ଡାକ୍ତରଙ୍କ କ୍ଲିନିକ୍‌କୁ ଆସିଥିଲେ । କିନ୍ତୁ ଡାକ୍ତର ଜଣକ ସେ କହିଥିବା ଫେସିଆଲ୍ ଟ୍ରିଟମେଣ୍ଟ ନ କରି ଅନ୍ୟ ଏକ ଟ୍ରିଟମେଣ୍ଟ କରିବା ପାଇଁ ବାଧ କରିଥିଲେ, ଯାହା ତାଙ୍କର ଆବଶ୍ୟକ ନଥିଲା । ଏହି ଟ୍ରିଟ୍‌ମେଣ୍ଟ କରିବା ପରେ ଏବେ ତା'ର ପରିଣାମ ସେ ଭୋଗୁଥିବା କହିଛନ୍ତି । ସେପଟେ ଅଭିନେତ୍ରୀ ଜଣକ ଟ୍ରିଟ୍‌ମେଣ୍ଟ ପରେ ଡାକ୍ତରଙ୍କୁ ଭେଟିବା ପାଇଁ ଆସିଥିବା ବେଳେ ସେ କିନ୍ତୁ ଫେରାର ଥିବା ଜଣାପଡିଛି ।

ଆଉଟଡୋରରେ ଚାଲିଛି ଆଲବମ୍ ସୁଟିଂ

କରୋନା କାଳରେ ଓଡ଼ିଆ ଫିଲ୍ମ ପ୍ରେକ୍ଷାଳୟରୁ ଉଭେଇଯିବା ଓଲିଉଡ୍ ଦୁନିଆକୁ ଏକ ଶକ୍ତ ଧକ୍କା ଦେଇଛି । ଏପରି ସମୟରେ ଓଲିଉଡ୍ କଳାକାର, ପ୍ରଯୋଜନା ସଂସ୍ଥାମାନେ କିନ୍ତୁ ନିଜକୁ ସୁଟିଂଠାରୁ ଦୂରେଇ ଦେଇନାହାନ୍ତି । ଆଉଟଡୋର୍ ନହେଉ ପଛେ ଇନ୍‌ଡୋର୍ ସୁଟିଂ ଉପରେ ଗୁରୁତ୍ୱ ଦେଇଛନ୍ତି ଚଳଚ୍ଚିତ୍ର ନିର୍ମାଣକାରୀସଂସ୍ଥା । ଫିଲ୍ମ ହେଉ କିମ୍ବା ଧାରାବାହିକ ଅବା ଆଲବମ୍ ସବୁକିଛି କ୍ରୋମା ଆଗରେ ଓ ସେଟ୍ ଭିତରେ ସମ୍ଭବ ହେଉଛି । କରୋନା କାଳରେ ବର୍ତ୍ତମାନ କେବଳ ଆଲବମ୍ ସୁଟିଂ ଆଉଟଡୋରରେ ଦେଖିବାକୁ ମିଳିଛି । ପୁପୁଲ୍ ମହାନ୍ତିଙ୍କ ପ୍ରଯୋଜିତ ଅଶ୍ୱନୀ ଓ ଦୀପାଲିଙ୍କ ଅଭିନୀତ 'ଏମନ ଡାକିଲେ ସେମନ ଶୁଣୁଛି' ଆଲବମ୍ ତିଆରି ହୋଇଛି । ଏଥିରେ ସଂଗୀତ ଦେଇଛନ୍ତି ଜାପାନୀ । ସେହିଭଳି କଳିଙ୍ଗ ସିନେ ଆର୍ଟସ୍ ପ୍ରଯୋଜନାରେ ଝୁମୁକାରେ ସୁଟିଂ ହୋଇଛି ଆଲବମ୍ 'ସୁନ୍ଦର ସୁନ୍ଦରୀ ଝଅ' । ଏହାର ନିର୍ଦ୍ଦେଶନା ଦେଇଛନ୍ତି ବିଦ୍ୟାଧର ବାରିକ । ଅଭିନୟ କରିଛନ୍ତି ମୟା ଓ ଇପସିଲା ଓ ଅକ୍ଷୟ । ସମରେଶ ରାଉତରାୟଙ୍କ ପ୍ରସ୍ତୁତ ଅଭିନେତା ବୁଲୁ ଓ ଅଭିନେତ୍ରୀ ଶୁଭଶ୍ରୀଙ୍କ ଅଭିନୀତ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ମ୍ୟୁଜିକ୍ ଆଲବମ୍ 'ପ୍ରେମ ଛିଟା' ମଧ୍ୟ ରିଲିଜ୍ ହୋଇଛି ।

କାଷ୍ଟିଂ କାଉଚ୍‌ର ଶିକାର ହୋଇଛନ୍ତି ପ୍ରାଚୀ ଦେଶାଇ

ଅଭିନେତ୍ରୀ ପ୍ରାଚୀ ଦେଶାଇ ମଧ୍ୟ କାଷ୍ଟିଂ କାଉଚ୍‌ର ଶିକାର ହୋଇଛନ୍ତି । ହିନ୍ଦୀ ଧାରାବାହିକ ଜଗତରୁ କ୍ୟାରିୟର୍ ଆରମ୍ଭ କରି ଚଳଚ୍ଚିତ୍ର ଜଗତରେ ଆଝାର, ବୋଲ୍ ବଚନ,ାନ୍ସ ଅପଅନ୍ ଏ ଟାଇମ୍ ଇନ୍ ମୁମ୍ବାଇରେ ପ୍ରାଚୀ ଅଭିନୟ କରି ଖୁବ୍ ପ୍ରଶଂସା ସାଉଣ୍ଟିଥିଲେ । ନିକଟରେ ସେ ଏକ ସାକ୍ଷାତ୍‌କାର ଦେବା ଅବସରରେ କହିଥିଲେ, ତାଙ୍କୁ ଜଣେ ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏକ ବଡ଼ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ଫୋନ୍‌ରେ ଅଫର୍ ଦେଇଥିଲେ । ମାତ୍ର ତାଙ୍କୁ ଅଭିନୟ କରିବାକୁ ହେଲେ କମ୍ପ୍ରୋମାଇଜ୍ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା । ତେବେ ନିର୍ଦ୍ଦେଶକ ଜଣକ ହିନ୍ଦୀ ସିନେଜଗତର ଜଣେ ନାମୀଦାମୀ ଲୋକ ହୋଇଥିବାରୁ ସେ ତାଙ୍କ ନାଁରେ କୌଣସି ଅଭିଯୋଗ ଆଣିନଥିଲେ କି ତାଙ୍କ କମ୍ପ୍ରୋମାଇଜ୍ ଅଫରକୁ ନେଇ କୌଣସି ଅପଶବ୍ଦ ବ୍ୟବହାର କରିନଥିଲେ । ସେ କେବଳ ତାଙ୍କ ଚଳଚ୍ଚିତ୍ରରେ ଅଭିନୟ କରିବେ ନାହିଁ କହି ତାଙ୍କୁ ଏଡ଼ାଇ ଯାଇଥିଲେ । ଉକ୍ତ ବରିଷ୍ଠ ନିର୍ଦ୍ଦେଶକଙ୍କ ନାଁ ପ୍ରାଚୀ ଏ ପର୍ଯ୍ୟନ୍ତ ଗଣମାଧ୍ୟମ ସାମ୍ନାରେ କହିନାହାନ୍ତି । ନିକଟରେ ପ୍ରାଚୀଙ୍କ ଅଭିନୀତ ଚଳଚ୍ଚିତ୍ର 'ସାଇଲେନ୍ସ କ୍ୟାନ୍ ୟୁ ହିୟର ଇଟ୍' ଜି-୫ ପ୍ରିମିୟମ୍‌ରେ ମୁକ୍ତିଲାଭ କରିଛି ।

ବାପାଙ୍କୁ ହରାଇ ଦୁଃଖରେ ହୀନା

ଟେଲିଭିଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ହୀନା ଖାନ୍‌ଙ୍କ ଉପରେ ଖସି ପଡିଛି ଦୁଃଖର ପାହାଡ । ମଙ୍ଗଳବାର ତାଙ୍କ ବାପାଙ୍କ ଦେହାନ୍ତ ହୋଇଛି । ହୃଦ୍‌ଘାତ ଯୋଗୁଁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହି ଖବର ଶୁଣିବା ପରେ ତୁରନ୍ତ କାଶ୍ମୀର ଶୁଟିଂ ପାଇଁ ଯାଇଥିବା ହୀନା ମୁମ୍ବାଇ ଫେରିଛନ୍ତି । ଅଭିନେତ୍ରୀ ହିନା ଖାନ ତାଙ୍କ ପିତାଙ୍କୁ ବହୁତ ଭଲ ପାଉଥିଲେ । ବିଭିନ୍ନ ସମୟରେ ସୋଶାଲ ମିଡିଆରେ ସେ ତାଙ୍କ ବାପାଙ୍କ ସହିତ ଫଟୋ ମଧ୍ୟ ସେୟାର କରିଥାନ୍ତି । ତେବେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି । ହୀନାଙ୍କ ପ୍ରଶଂସକଙ୍କମାନେ ମଧ୍ୟ ସମବେଦନ ଜଣାଇବା ସହ ଏଭଳି ଦୁଃଖ ସମୟରେ ଦୃଢ଼ ହେବାକୁ ଅଭିନେତ୍ରୀଙ୍କୁ କହିଛନ୍ତି ।

ଚର୍ଚ୍ଚାରେ ଶ୍ୱେତାଙ୍କ ବାଥରୁମ୍ ସେଲ୍‌ଫି

ଲୋକପ୍ରିୟ ଟେଲି ଅଭିନେତ୍ରୀ ଶ୍ୱେତା ତ୍ୱାରି ଏବେ ପୁଣି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛନ୍ତି । ନିଜ ବ୍ୟକ୍ତିଗତ ଜୀବନର ବିବାଦ ଓ ଶରୀର ସନ୍ତୁଳନ ପାଇଁ ହେଲ୍‌ଥୱାର୍କ ଆଉଟ୍ କୋର୍ସକୁ ନେଇ ଚର୍ଚ୍ଚାରେ ଥିବା ଶ୍ୱେତା ଏବେ ନିଜର ଏକ ସେଲ୍ ?ଫିକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଜିମ୍‌ରେ ବ୍ୟାୟାମ କରି ଆସିବା ପରେ ନିଜ ଆବ୍ସ ଉପରେ ସେ କରୁଥିବା ଅଭ୍ୟାସର ଦୃଶ୍ୟକୁ ସେ ବାଥରୁମ୍ ଆଇନାରେ ସେଲ୍‌ଫି ନେଇଛନ୍ତି । ଗତ କିଛି ସପ୍ତାହ ମଧ୍ୟରେ ସେ ଜିମ୍‌ରେ ବ୍ୟାୟାମ କରି ୧୦ କେଜିରୁ ଅଧିକ ଓଜନ କମାଇଥିବା କହିଛନ୍ତି ।

କୋଭିଡ ପରିଚାଳନାରେ ଅନିୟମିତତା କଲେ ଓଡିଶାବାସୀ ସାଂଘାତିକ କ୍ଷତି ଭୋଗିବେ

ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ରାଜ୍ୟ ସରକାରଙ୍କ ନୈତିକ ଦାୟିତ୍ୱ : ବିଜେପି

ଭୁବନେଶ୍ୱର,୨୨/୪ (ନି.ପ୍ର): ରାଜ୍ୟରେ କୋଭିଡ ସଂକ୍ରମଣର ୨ୟ ଲହର କ୍ରମଶଃ କାୟା ବିସ୍ତାର କରିଚାଲିଛି। ମାତ୍ର ରାଜ୍ୟ ସରକାର ନିଜ ସଠିକ୍ ଦାୟୀତ୍ୱ ତୁଲାଇବା ପରିବର୍ତେ ମହାମାରୀ ସ୍ଥିତିକୁ ହାଲୁକା ଭାବେ ନେଉଛନ୍ତି । କୋଭିଡ ପରିଚାଳନାରେ ଅନିୟମିତତା ଓ କୁପରିଚାଳନା କଲେ ଓଡିଶାବାସୀ ସାଂଘାତିକ କ୍ଷତି ଭୋଗିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି ।

ଉପଯୁକ୍ତ ସ୍ୱାସ୍ଥ୍ୟ ଭିତିଭୁମି ସୃଷ୍ଟି କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ହେଲା ରାଜ୍ୟ ସରକାରଙ୍କ ସାଂବିଧାନିକ ଓ ନୈତିକ ଦାୟୀତ୍ୱ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହି ମହାମାରୀ ବିରୁଦ୍ଧ ଯୁଦ୍ଧରେ ସମସ୍ତ ପ୍ରକାରର ଆପାତକାଳୀନ ସହଯୋଗ ନିରନ୍ତର ଭାବେ ଯୋଗାଇ ଦେଇ ଆସୁଛନ୍ତି । ମାତ୍ର ମୋଦି ସରକାରଙ୍କ ତ୍ୱରିତ ପଦକ୍ଷେପ, ସହାୟତା ଓ କାର୍ଯ୍ୟଧାରକୁ ପ୍ରଶଂସା କରିବା ପରିବର୍ତେ ରାଜ୍ୟ ସରକାର ଏବଂ ତାଙ୍କ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଚିରାଚରିତ ଭାବେ କେନ୍ଦ୍ରକୁ ଦୋଷ ଦେଇ ସମାଲୋଚନା କରିବାର ଅଭ୍ୟାସ ଜାରୀ ରଖିବା ଅତ୍ୟନ୍ତ ଲଜ୍ଜାଜନକ। ରାଜ୍ୟରେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇଚାଲିଛି । ଦେଶର ଅନ୍ୟ ରାଜ୍ୟଗୁଡିକ ଟେଷ୍ଟିଂର ମାତ୍ରା ବହୁଗୁଣିତ କରିସାରିଲେଣି । ଅନ୍ୟ ପକ୍ଷରେ ଏବେ ବି ଓଡିଶା ସରକାର ନିଦରେ ଶୋଇ ରହିଛନ୍ତି। କୋଭିଡ ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ଯେଉଁ ଭଳି ଭାବେ ରାଜ୍ୟର ସହରାଂଚଳ, ଗ୍ରାମାଂଚଳ ଓ ପଂଚାୟତରେ ଟେଷ୍ଟିଂ କରାଯାଉଥିଲା, ତାହା ବର୍ତମାନ ହେଉନାହିଁ । ରାଜ୍ୟର ପଶ୍ଚିମାଂଚଳ, ଦକ୍ଷିଣାଂଚଳ ଜିଲ୍ଲା ସମେତ ଖୋର୍ଦ୍ଧା, କଟକ ଆଦି ଉପକୂଳ ଜିଲ୍ଲାମାନଙ୍କରେ ସଠିକ ଭାବେ କୋଭିଡ୍ ଟେଷ୍ଟିଂ କରାନଯିବା କାରଣରୁ ସଂକ୍ରମିତ ଲୋକମାନେ ବହୁ ବିଳମ୍ବରେ ଅଧିକ ସଂକ୍ରମିତ ହୋଇ ଡାକ୍ତରଖାନା ଆସୁଛନ୍ତି ଏବଂ ଅକ୍ସିଜେନ, ସାଧାରଣ ବେଡ୍ ଓ ଆସିୟୁ ବେଡ୍, ଭେଂଟିଲେଟର ଭଳି ଚିକିତ୍ସା ସୁବିଧା ନପାଇ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଅଘଟଣ ମଧ୍ୟ ଘଟୁଛି । ସର୍ବପ୍ରଥମେ ରାଜ୍ୟ ସରକାର ଟେଷ୍ଟିଂ ସଂଖ୍ୟାକୁ ଯଥାଶୀଘ୍ର ବହୁ ମାତ୍ରାରେ ବୃଦ୍ଧି କରିବାକୁ ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଅଛି କି ନାହିଁ ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ। ସେହିପରି ରାଜ୍ୟର ସମସ୍ତ ସିଏଚସି ସମେତ ସବୁ କୋଭିଡ୍ ଡାକ୍ତରଖାନା ଓ ସାଧାରଣ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କରୋନା ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଉପଲବ୍ଧର ବ୍ୟବସ୍ଥା କରାନ୍ତୁ । ଏହା ଦ୍ୱାରା ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ସଠିକ ଚିକିତ୍ସା ପାଇପାରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। କରୋନା ଭୂତାଣୁ ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ରାଜ୍ୟକୁ ୫୬୭ଟି ଭେଂଟିଲେଟର ଯୋଗାଇ ଦେଇଥିଲେ । ମାତ୍ର ରାଜ୍ୟସରକାର ସରକାରୀ ଡାକ୍ତରଖାନାରେ ସେ ସବୁ ଭେଂଟିଲେଟରକୁ ବ୍ୟବହାର ଉପଯୋଗୀ କରିପାରିଲେ ନାହିଁ ।ଏବେ ପ୍ରତ୍ୟେକ ଜିଲ୍ଲାକୁ ୧୦ଟି ଲେଖାଏଁ ଭେଂଟିଲେଟର ଯୋଗାଇ ଦେବାର ମୋଦି ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି ସମସ୍ତ ଭେଂଟିଲେଟରର ଡାକ୍ତରଖାନା ମାନଙ୍କରେ ଉପଯୁକ୍ତ ବ୍ୟବହାର କରି ମୂଲ୍ୟବାନ ପ୍ରାଣ ବଂଚାଇବା ପାଇଁ ରାଜ୍ୟ ସରକାର ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଟିଏମସି ତଥା ସଙ୍ଗରୋଧ ଗୃହକୁ ବିଭିନ୍ନ ଅଂଚଳରେ କାର୍ଯ୍ୟକ୍ଷମ କରାନ୍ତୁ । ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ରାଜ୍ୟବାସୀ ଆହୁରି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ଶ୍ରୀ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି ।

ଲୋକଙ୍କୁ ସଠିକ ସେବା ଯୋଗାଇବା ଓ ମୃତ୍ୟୁସଂଖ୍ୟା ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ସରକାର କାମ କରୁଛନ୍ତି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର,୨୨/୪ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ହୋମ ଆଇସଲେସନରେ ଅଛନ୍ତି ଏବଂ ୫-୬ ପ୍ରତିଶତ ଆଇସିୟୁ ରେ ଅଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସଂକ୍ରମଣ ବଢୁଥିଲେ ବି ମୃତ୍ୟୁସଂଖ୍ୟା କମ୍ ରହିଛି। ୨ ଟି ଏଜେଣ୍ଡାରେ ସରକାର କାମ କରୁଛନ୍ତି। ଲୋକଙ୍କୁ ସଠିକ ସେବା ଯୋଗାଇବା ଓ ମୃତ୍ୟୁ ସଂଖ୍ୟା ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ ସରକାର କାମ କରୁଛନ୍ତି। ଦ୍ୱିତୀୟ ଲହରରେ ସଂକ୍ରମଣ ବଢ଼ିବା ସହ କେସ ଡବଲ ହେଉଛି। ସ୍ଥିତିକୁ ଦେଖି ନୂଆ ହସ୍ପିଟାଲ ଖୋଲିବା ନେଇ ନେଇ ଜିଲ୍ଲାପାଳଙ୍କୁ କୁହାଯାଇଛି। ପ୍ରବାସୀ ଫେରୁଥିବାରୁ ତାଙ୍କ ଉପରେ ନଜର ରଖାଯାଇଛି। କିପରି ରାସ୍ତାରେ ନ ଚାଲିବେ ସେଥିପ୍ରତି ନଜର ରଖିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ଆବଶ୍ୟକସ୍ଥଳେ ମଇକ୍ରୋ କଣ୍ଟେନମେଣ୍ଟ କରିବାକୁ ବି କୁହାଯାଇଛି। ଲୋକଙ୍କୁ ନିୟମ ପାଳନ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

ଓଡ଼ିଶାରେ ଅକ୍ସିଜେନ୍ ଅଭାବ ନାହିଁ କି ହେବନି: ଡିଏମ୍ଇଟି ନିର୍ଦ୍ଦେଶକ

ଭୁବନେଶ୍ୱର,୨୨/୪ (ନି.ପ୍ର): ସମଗ୍ର ଦେଶରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଦିଲ୍ଲୀ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଅକ୍ସିଜେନର ଅଭାବ ପରିଲକ୍ଷିତ ହୋଇଛି। ତେବେ ଓଡ଼ିଶାରେ ଅକ୍ସିଜେନର କୌଣସି ଅଭାବ ନାହିଁ କିମ୍ବା ଭବିଷ୍ୟତରେ ରହିବ ନାହିଁ ବୋଲି ଡିଏମଇଟି ନିର୍ଦ୍ଦେଶକ ଡାକ୍ତର ସିବିକେ ମହାନ୍ତି କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଡାକ୍ତର ମହାନ୍ତି କହିଛନ୍ତି ଯେ, ସରକାରଙ୍କୁ ୨୯ଟି ସପ୍ଲାଏର ନିୟମିତ ଭାବେ ଅକ୍ସିଜେନ୍ ଯୋଗାଣ କରୁଥିଲେ। ସେମାନେ ଯେତିକି ପରିମାଣର ଅକ୍ସିଜେନ୍ ଦେଉଥିଲେ ତାହା ଏବେବି ବଳବତ୍ତର ରହିଛି। ତା'ଛଡ଼ା ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଦୈନିକ ୭୦୦ ମେଟ୍ରିକ ଟନ୍ ଅକ୍ସିଜେନ୍ ଉତ୍ପାଦନ ହେଉଥିବାବେଳେ ଗତବର୍ଷ ଆମ ଓଡ଼ିଶାର ଆବଶ୍ୟକତା ଦୈନିକ ମାତ୍ର ୩୦ ମେଟ୍ରିକ ଟନ୍। ତେଣୁ ଅକ୍ସିଜେନର ଅଭାବ ଏବେ ନାହିଁ କି ଭବିଷ୍ୟତରେ ହେବ ବୋଲି ସେ ଭାବୁନାହାନ୍ତି। ରାଜ୍ୟରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଏବେ ରହିଛି । ଆମର ଏବେ ମାତ୍ର ୩୧ଟି କୋଭିଡ୍ ହସ୍ପିଟାଲ ଆବଶ୍ୟକ ଥିବାବେଳେ ଆମେ ୭୦ଟି କୋଭିଡ୍ ହସ୍ପିଟାଲ(ସ୍ୱତନ୍ତ୍ର) ପ୍ରସ୍ତୁତ କରି ରଖିସାରିଛୁ। ଯେତିକି ରୋଗୀ ଏବେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ସେମାନେ ମୋଟ ଜେନେରାଲ ବେଡ୍‌ର ୨୦% ଦଖଲ କରିଛନ୍ତି। ବାକି ୮୦ ପ୍ରତିଶତ ଜେନେରାଲ ବେଡ୍ ଖାଲି ଥିବାବେଳେ ୧୪% ରୋଗୀ ଆଇସିୟୁ ଓ ୧୦ପ୍ରତିଶତ ରୋଗୀ ଭେଣ୍ଟିଲେଟରରେ ରହିଛନ୍ତି। ତା'ଛଡ଼ା ମୁଖ୍ୟମନ୍ତ୍ରୀ ମଧ୍ୟ ତତ୍କାଳ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି । ତେଣୁ ଭିତ୍ତିଭୂମିର କୌଣସି ଅଭାବ ନାହିଁ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ- ଏବେ ୧୬୭୫ଜଣ ସଂକ୍ରମିତ ରୋଗୀ ଜେନେରାଲ ବେଡରେ ଚିକିତ୍ସିତ ହେଉଥିବାବେଳେ ୪୮୯ଜଣ ଆଇସିୟୁରେ ଅଛନ୍ତି।

ଏପ୍ରିଲ ଶେଷ, ମେ ପ୍ରଥମ ସପ୍ତାହରେ ଶୀର୍ଷରେ ପହଂଚିବ କରୋନା : ସିବିକେ ମହାନ୍ତି

ଭୁବନେଶ୍ୱର,୨୨/୪ (ନି.ପ୍ର): ଏପ୍ରିଲ ଶେଷ କିମ୍ବା ମେ ପ୍ରଥମ ସପ୍ତାହରେ ଓଡ଼ିଶାରେ କରୋନା ପିକ୍ ବା ଶୀର୍ଷରେ ରହିପାରେ। ବିଭିନ୍ନ ସଂସ୍ଥାର ସମୀକ୍ଷା ପରେ ଜଣାପଡ଼ିଛି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଗତ ବର୍ଷ ଅପେକ୍ଷା ଅଧିକ ପରିମାଣରେ ଅକ୍ସିଜେନ ମହଜୁଦ ଥିବା କହିଛନ୍ତି ଡାରେକ୍ଟୋରେଟ୍ ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ (ଡିଏମଇଟି)ର ନିର୍ଦ୍ଦେଶକ ସିବିକେ ମହାନ୍ତି।

ଏହାସହ ସେ କହିଛନ୍ତି ଓଡ଼ିଶା ଭାଗ୍ୟବାନ କାରଣ ଉଭୟ ସରକାରୀ ଓ ବେସରକାରୀସ୍ତରରେ ବିଭିନ୍ନ ଶିଳ୍ପ ସଂସ୍ଥା ଅଧିକ ଅକ୍ସିଜେନ ଉତ୍ପାଦନ କରୁଛନ୍ତି । ଏଥିସହ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ବେଡ, ଆଇସିୟୁ ମଧ୍ୟ ପର୍ଯ୍ୟାପ୍ତ ଥିବା କୁହାଯାଇଛି । ୭୧ଟି କୋଭିଡ ହସ୍ପିଟାଲ ରାଜ୍ୟରେ ସକ୍ରିୟ ଥିବା ବେଳେ ୩୧ଟି ଚାଲିଛି । ଏଯାବତ୍ ୨୬ ପ୍ରତିଶତ ବେଡ, ୧୪ ଦଶମିକ ୧୮ ପ୍ରତିଶତ ଆଇସିୟୁ, ୧୦ ପ୍ରତିଶତ ଭେଟିଂଲେଟର ବ୍ୟବହୃତ ହୋଇଥିବା ସୂଚନା ଦେଇଛନ୍ତି ଡିଏମଇଟି ନିର୍ଦ୍ଦେଶକ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୨/୪ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନସେବକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ବୁଧବାର ସକାଳେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ କୋଭିଡ୍ କଟକଣା ମଧ୍ୟରେ ବରପୁତ୍ରଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଭୁବନେଶ୍ୱର ୟୁନିଟ୍-୬, ରାଜଧାନୀ ଚିକିତ୍ସାଳୟ ଛକସ୍ଥିତ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରତିମୂର୍ତିରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଶବରୀ ସାଂସ୍କୃତିକ ସଂସଦର ଉପସଭାପତି ନୀଳମାଧବ ଦାସ ଏବଂ କର୍ମକର୍ତାମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଭିଡ୍ ନିୟମାବଳୀକୁ ଦୃଷ୍ଟିରେ ରଖି ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅତି ସୀମିତ ସଂଖ୍ୟକ ଅତିଥି ଉପସ୍ଥିତ ରହିଥିଲେ।

ଭାରତୀୟ ପ୍ରେସ୍ କାଉନସିଲକୁ ମନୋନୀତ ହେଲେ ସାଂସଦ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୨/୪ (ନି.ପ୍ର): ଭାରତୀୟ ପ୍ରେସ୍ କାଉନସିଲ ସଦସ୍ୟ ଭାବେ ଓଡ଼ିଶାର ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ମନୋନୀତ ହୋଇଛନ୍ତି। ପ୍ରେସ୍ କାଉନସିଲ ସଦସ୍ୟ ଭାବେ ୨ଜଣ ରାଜ୍ୟସଭା ସାଂସଦ ଓ ୩ଜଣ ଲୋକସଭା ସାଂସଦଙ୍କୁ ମନୋନୀତ କରାଯିବାର ପ୍ରାବଧାନ ରହିଛି। ରାଜ୍ୟସଭା ପକ୍ଷରୁ ଜାରି ସୂଚନା ଅନୁସାରେ, ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଏମ ଭେଙ୍କୟାନାଇଡୁ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆକୁ ଦୁଇଜଣ ସାଂସଦଙ୍କୁ ସଦସ୍ୟ ଭାବେ ମନୋନୀତ କରିଛନ୍ତି।

ରାଜ୍ୟରେ ସମୁଦାୟ ୫୩,୫୯,୭୯୪ ଜଣଙ୍କୁ ଟିକା ଦିଆଯାଇଛି: ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୨/୪ (ନି.ପ୍ର): ମେ' ମାସରୁ ଆରମ୍ଭ ହେବ ୧୮ ବର୍ଷରୁ ଅଧିକ ବୟସ୍କଙ୍କ ଟିକାକରଣ। ଏନେଇ ଏସଓପି ଜାରି କରିବେ ରାଜ୍ୟ ସରକାର। ୧୮ ରୁ ୪୫ ବର୍ଷ ଭିତରେ ୪୨ ପ୍ରତିଶତ ଲୋକ ରହିଛନ୍ତି। ତେଣୁ ଟିକାକରଣ କେନ୍ଦ୍ର ବଢ଼ାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି। ଏଥିସହ କହିଛନ୍ତି ଟିକା ଦର ଧାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ନିୟମ କରି ଉତ୍ପାଦନକାରୀ କମ୍ପାନିମାନଙ୍କୁ କ୍ଷମତା ଦେଇଛନ୍ତି । ସିରମ ଦର ଧାର୍ଯ୍ୟ କରିଛି। ଘରୋଇ ହସ୍ପିଟାଲରେ ଯାହା ଟିକାକରଣ ଚାଲିଛି, ତାହା କେନ୍ଦ୍ର ସରକାର ଦେଉଛନ୍ତି। ହେଲେ, ମେ ୧ ରୁ ଆଉ କେନ୍ଦ୍ର ସରକାର ଦେବେ ନାହିଁ। ଘରୋଇ ହସ୍ପିଟାଲ ସିଧାସଳଖ କମ୍ପାନିଠାରୁ ଟିକା କିଣିବେ। କେଉଁ ଟିକା ଅଧିକ ପ୍ରଭାବଶାଳୀ ପ୍ରସଙ୍ଗରେ କହିଛନ୍ତି ଉଭୟ କୋଭାକ୍ସିନ ଓ କୋଭିସିଲ୍ଡ ପ୍ରଭାବଶାଳୀ ଓ ଡବଲ ମ୍ୟୁଟାଣ୍ଟ ବିରୋଧରେ କାର୍ଯ୍ୟ କରୁଛନ୍ତି। ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି, ଗତକାଲି ୧୦୨୪୦୭ ଜଣଙ୍କୁ ଟିକା ଦିଆଯାଇଛି। ରାଜ୍ୟରେ ୫୩,୫୯,୭୯୪ ସମୁଦାୟ ଟିକାକରଣ ହୋଇଛି। ଆଜି ୭୫୦ କେନ୍ଦ୍ରରେ ଟିକାକରଣ ଚାଲିଛି। ୨.୬ ଲକ୍ଷ କୋଭିସିଲ୍ଡ ମହଜୁଦ ଅଛି। ସେହିପରି ୧.୯ ଲକ୍ଷ କୋଭାକ୍ସିନ୍ ମହଜୁଦ ରହିଛି। ଏଯାଏ ଟିକା ଆସିବା ଖବର ନାହିଁ। ଆଜି ସବୁ ଜିଲ୍ଲାରେ ଚାଲିଛି। ହେଲେ ୨ ଦିନରେ ଟିକା ସରିଯିବ।

୨୫ରୁ ଏମସ୍ ଓପିଡି ବନ୍ଦ



ଭୁବନେଶ୍ୱର,୨୨/୪ (ନି.ପ୍ର): ଆସନ୍ତା ୨୫ ତାରିଖରୁ ଭୁବନେଶ୍ୱର ଏମସ୍ ହସ୍ପିଟାଲ ଓପିଡି ବନ୍ଦ ରହିବ। ହସ୍ପିଟାଲର କିଛି ସ୍ୱାସ୍ଥ୍ୟକର୍ମୀ ଓ ରୋଗୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଏବଂ କିଛି ସ୍ୱାସ୍ଥ୍ୟକର୍ମୀ କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବାରୁ ହସ୍ପିଟାଲ ଓପିଡିକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି । ତେବେ ଯେଉଁମାନେ ୨୫ ତାରିଖ ପୂର୍ବରୁ ଅନଲାଇନରେ ରୋଗୀଙ୍କ ଚିକିତ୍ସା ପାଇଁ ରେଜିଷ୍ଟ୍ରେସନ କରିଛନ୍ତି ସେମାନେ ହସ୍ପିଟାଲ ଆସି ସେବା ପାଇପାରିବେ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏମସ୍ ରେ ଥିବା ଡାକ୍ତର , ସ୍ୱାସ୍ଥ୍ୟକର୍ମୀ ଓ ରୋଗୀଙ୍କ ମଧ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ବହୁ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇ ବା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବାରୁ କ୍ୱାରେଂଟାଇନ୍ ରେ ରହିଛନ୍ତି। ତେଣୁ ୨୫ ତାରିଖରୁ ସାମୟିକ ଭାବେ ଓପିଡି ବନ୍ଦ ରହିବ । ଏଥିସହିତ ହସ୍ପିଟାଲ ପରିସରରେ କଡାକଡି ଭାବେ କୋଭିଡ୍ ପ୍ରଟୋକଲ ଫଲୋ କରାଯିବ । ଓପିଡି ବନ୍ଦ ସତ୍ତ୍ୱେ ଡେ କେୟାର ସର୍ଭିସ୍ , ଡାଏଲିସିସ୍ , ରେଡିଓ ଥେରାପି, ଟ୍ରମା ଏବଂ ଏମରଜେନ୍ସି, ଆଇପିଡି, ପଲୁମନାରି ସେବା ଜାରି ରହିବ। ହସ୍ପିଟାଲରେ ଟେଲିମେଡିସିନ ସେବା ଜାରି ରହିବ। ଲୋକମାନେ ମୋବାଇଲ୍ ଆପ୍ ଜରିଆରେ ସେବା ପାଇପାରିବେ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

ଜେ.ବି. ରାଜ୍ୟରେ ଶିଳ୍ପର ଭିତ୍ତିଭୂମି ପକାଇଥିଲେ: ବିଶ୍ୱଭୂଷଣ

ଭୁବନେଶ୍ୱର ,୨୨/୪ (ନି.ପ୍ର): ପ୍ରତି ଜିଲ୍ଲାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି ଓଡ଼ିଶାରେ ଶିଳ୍ପର ଭିତ୍ତିଭୂମି ପକାଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାଞ୍ଜପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକ। ଦୀର୍ଘ ୧୪ ବର୍ଷର ଶାସନ କାଳରେ ସେ ନିଜେ ପ୍ରତ୍ୟକ୍ଷ ଭାବରେ ଶାସନ ପରିଚାଳନା କରୁଥିଲେ। ଅମଲାତନ୍ତ୍ରକୁ ବି ନିୟନ୍ତ୍ରିତ କରି ରଖିଥିଲେ। ଯୋଗ୍ୟ ବ୍ୟକ୍ତିଙ୍କୁ ରାଜନୀତିରେ ସୁଯୋଗ ଦେଉଥିଲେ। ନିଜେ ଅଖଣ୍ଡ କ୍ଷମତାଶାଳୀ ହୋଇ ମଧ୍ୟ ବିରୋଧୀ ଦଳର ପ୍ରସ୍ତାବକୁ ସମାନ ଗୁରୁତ୍ୱ ଦେଉଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଏହିଭଳି ଭାବରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଷଷ୍ଠ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଭର୍ଚୁଆଲ ବୈଠକରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଜଣେ ରାଜନେତା, ସାହିତ୍ୟିକ, ସାମ୍ବାଦିକ, ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଭାବରେ ସ୍ୱର୍ଗତ ପଟ୍ଟନାୟକ ଥିଲେ ଅନନ୍ୟ। ଓଡ଼ିଶା ଗଠନରେ ତାଙ୍କ ଭୂମିକା ଥିଲା ଅବିସ୍ମରଣୀୟ। ଦୀର୍ଘ ବର୍ଷ ଧରି ଶ

ମୟୂରଭଞ୍ଜ ସାଂସଦ ଅସୁସ୍ଥ, ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି

ବାରିପଦା,୨୨/୦୪ (ନି.ପ୍ର): ମୟୂରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ ଆଜି ହଠାତ ଅସୁସ୍ଥ ହୋଇ ପଡିଥିବାର ଖବର ମିଳିଛି । ତେବେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ, ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ତୁରନ୍ତ କଟକ ସ୍ଥିତ ଏସ.ସି.ବି. ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବାର ଜଣାଯାଇଛି । ତେବେ ସାଂସଦଙ୍କର ଶରୀର ଅସୁସ୍ଥ ଖବର ସୋସିଆଲ ମିଡିଆରେ ପ୍ରଚାରିତ ହେବା ପରେ ବିଭିନ୍ନ ଅଂଚଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବାର ଜଣାଯାଇଛି ।

ଖଇରା ବ୍ଲକରେ ପବିତ୍ର ରାମ ନବମୀ

ଖଇରା,୨୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ସୁଣ୍ଡିରା ହନମାନ ମନ୍ଦିର ପରିସରରେ ପବିତ୍ର ରାମ ନବମୀ ନିରାଡମ୍ବରରେ ପାଳିତ ହୋଇ ଯାଇଛି । ସକାଳେ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ସ୍ଥାନୀୟ ଗ୍ରାମ ପୋଖରୀରୁ କଳସ ଅଣା ଯାଇଥିଲା । ଜଗନ୍ନାଥ ପଣ୍ଡା ଓ ପଦ୍ମନାଭ ମିଶ୍ରଙ୍କ ଦ୍ୱାରା ଯଜ୍ଞ ତଥା ରାମ ଲକ୍ଷ୍ମଣ ସୀତା ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶଙ୍କର୍ଷଣ ରାୟ,ଉମେଶ ଚନ୍ଦ୍ର ନାୟକ,ଶିଶିର କୁମାର ନାୟକ,ମନ୍ମଥ ଦାସ,ବସନ୍ତ ଲେଙ୍କା,ଜିତେନ୍ଦ୍ର ସିଂ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ବାଣପୁରରେ ରାମଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମ ନବମୀ ମଧ୍ୟ ପାଳିତ ହୋଇଯାଇଛି । ପୂଜକଙ୍କ ଦ୍ୱାରା ରାମାୟଣ ପାଠ କରାଯାଇଥିଲା ।

ନବନିର୍ମିତ କାନ୍ଥି ମଙ୍ଗଳା ମନ୍ଦିର ପ୍ରତିଷ୍ଠା କମିଟି ଗଠିତ

ବାଲେଶ୍ୱର,୨୨/୦୪ (ନି.ପ୍ର): ଭୀମପୁରର ଉଭୟ ବେବର୍ତ୍ତା ସାହି ଓ ମହାଜନ ସାହିର ଗ୍ରାମଦେବୀ ଭାବେ ପରିଚିତ 'କାନ୍ଥି ମଙ୍ଗଳା'ଙ୍କ ପୀଠର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଆନନ୍ଦ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଦାନରେ ପ୍ରାୟ୪ଲକ୍ଷ ଟଙ୍କା ଖର୍ଚ୍ଚରେ ମାଆଙ୍କର ଏହି ପୀଠ ନିର୍ମାଣ ଶେଷ ହୋଇଛି । ଆସନ୍ତା ମଇ ମାସ ୧୩ ତାରିଖରେ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବୈଠକରେ ଏକ ପ୍ରତିଷ୍ଠା ଉତ୍ସବ କମିଟି ଗଠନ କରାଯାଇଛି । ତପନ କୁମାର ଦାସ, ଲକ୍ଷ୍ମଣ କୁମାର ଦାସ, ରବିନାରାୟଣ ଦାସ, ଚୌଧୁରୀ ଉଦ୍ଧବ କୁମାର ଦାସ, ବରେନ୍ଦ୍ର ଦାସ, ସୁକାନ୍ତ କୁମାର ଦାସ, ରତିଶ କୁମାର ଦାସ , ପ୍ରଫୁଲ୍ଲ କୁମାର ପରିଡ଼ା ପ୍ରମୁଖ ଏହି ପ୍ରତିଷ୍ଠା କମିଟିର କର୍ମକର୍ତ୍ତା ଭାବେ ଚୟନ ହୋଇଛନ୍ତି ।

ଭଦ୍ରକ ଜିଲ୍ଲାରେ ୭୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୨/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ୭୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସମୟରେ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୧୨୩ ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୮୧୭୯ ଏବଂ ମୋଟ ସୁସ୍ଥଙ୍କ ସଂଖ୍ୟା ୭୬୬୯ । ଏବେ ସକ୍ରିୟ ଆକ୍ରାନ୍ତ ୪୮୪ଜଣ ଅଛନ୍ତି । ଏ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ୩୪ ହଜାର ୯୧୪ଜଣଙ୍କ ନମୁନା ପରୀକ୍ଷା ହୋଇଛି । ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱରରେ ଭଦ୍ରକ ବ୍ଲକର ୨ଜଣ ଓ ବାସୁଦେବପୁର ଆନ୍ଦୋଳା ପଞ୍ଚାୟତର ଜଣେ, ଏସସିବିରେ ଭଦ୍ରକ ବ୍ଲକର ଜଣେ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ବ୍ଲକର ବରଣ୍ଡୁଆରୁ ଜଣେ, ଗୁଆଗଡ଼ିଆ ଗ୍ରାମରୁ ଜଣେ, ପଦ୍ମପୁର ଗ୍ରାମରୁ ୨ଜଣ, ସୁଦର୍ଶନପୁର ଗ୍ରାମରୁ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରି ଗ୍ରାମରୁ ଜଣେ, ଭଦ୍ରକ ବ୍ଲକର ଅଣ୍ଟେଇପଲୀ ଗ୍ରାମରୁ ୪ଜଣ, ଗେଲପୁରରୁ ୨ଜଣ, ଜଳଜାରୁ ଜଣେ, ଶିରାପୁରରୁ ଜଣେ, ବେଲପୁରରୁ ୨ଜଣ, ରାନ୍ଦିଆରୁ ୨ଜଣ, ଜଗଦଳପୁରରୁ ଜଣେ, ଭଦ୍ରକ ପୌରପାଳିକାର ୧୪ ନଂ ୱାର୍ଡ ଅପର୍ଣ୍ଣବିନ୍ଧାରୁ ଜଣେ, ୧୧ ନଂ ୱାର୍ଡ ନୂଆବଜାରରୁ ୨ଜଣ, ୧୫ ନଂ ୱାର୍ଡ କୁଆଁଶ ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପର୍ଣ୍ଣବିନ୍ଧା ଗ୍ରାମରୁ ୪ଜଣ, ୫ ନଂ ୱାର୍ଡ ଲକ୍ଷ୍ମୀନଗରରୁ ଜଣେ, ୩୦ ନଂ ୱାର୍ଡ ଉତ୍ତରବାହିନୀ ଗ୍ରାମରୁ ୨ଜଣ, ୬ ନଂ ୱାର୍ଡ ମଠସାହି ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମରୁ ଜଣେ, ରାମଚନ୍ଦ୍ରପୁର ଗ୍ରାମରୁ ୨ଜଣ, ଧାମନଗର ବ୍ଲକ ସାଆଁଳପୁର ଗ୍ରାମରୁ ୨ଜଣ, ଧୁଷୁରୀ ଗ୍ରାମରୁ ଜଣେ, ଧାମନଗର ଏନ୍ଏସି ୧ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକ ଚକ୍ରାପାଡୀ ଗ୍ରାମରୁ ୨ଜଣ, ବିଟିପୁର ଗ୍ରାମରୁ ଜଣେ, କଣ୍ଟିଗଡ଼ିଆ ଗ୍ରାମରୁ ଜଣେ, କାଣ୍ଡବା ଗ୍ରାମରୁ ୪ଜଣ, ମହାନ୍ତିପଡା ଗ୍ରାମରୁ ଜଣେ, ପୁରୁଷଣ୍ଡ ଗ୍ରାମରୁ ୩ଜଣ, ରାମକୃଷ୍ଣପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକ ପାଣ୍ଡିଆସାହିରୁ ଜଣେ, ପଳାଶପୁରରୁ ଜଣେ, ଓରାସାହିରୁ ଜଣେ, ପାଞ୍ଚପଡ଼ାରୁ ଜଣେ, ବଡଓସ୍ତିଆରୁ ଜଣେ, ହେଙ୍ଗୁପତି ଗ୍ରାମରୁ ଜଣେ ଓ ଚନ୍ଦନପୁରରୁ ୨ଜଣ ଚିହ୍ନଟ ହୋଇଛନ୍ତି । ସେହିଭଳି ଚାନ୍ଦବାଲି ଏନ୍ଏସିର ୧୦ ନଂ ୱାର୍ଡର ନୟାଧାମରାରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ୩ଜଣ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରୁ ୨ଜଣ, ଢେଙ୍କାନାଳ ଜିଲ୍ଲା ଓଡ଼ପଡା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଧାମନଗରରେ କୋଭିଡ଼ କଟକଣାରେ ବାସନ୍ତିକ ଦୁର୍ଗାପୂଜା

ଧାମନଗର,୨୨/୦୪ (ନି.ପ୍ର): ଧାମନଗର ସହର ଓ ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କୋଭିଡ଼ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଗତ ସୋମବାର ବାସନ୍ତିକ ସପ୍ତମୀ ତିଥିରେ ମୃଣ୍ମୟ ଦେବୀଙ୍କର ବିଲ୍ୱବରଣ ଓ ରାତ୍ରରେ ସପ୍ତମୀ ବିହିତ ପୂଜା ହେବାସହ ମଙ୍ଗଳବାର ମା'ଙ୍କର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ବୁଧବାର ଶ୍ରୀରାମ ନବମୀ ଅବସରରେ ମହାନବମୀ ପୂଜା ଓ ସନ୍ଧି ପୂଜା ନିରାଡ଼ମ୍ବର ସହ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଗୁରବାର ବାସନ୍ତିକ ଦଶହରା କୋଭିଡ଼ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ନଥିବା ହେତୁ ଏଥରର ବାସନ୍ତିକ ଦୁର୍ଗାପୂଜା ଫିକା ପଡ଼ିଛି । ଧାମନଗର ଏନ୍ଏସି ଅନ୍ତର୍ଗତ ସାନବଜାର ନିକଟସ୍ଥ ବାସନ୍ତିକ ଦୁର୍ଗାପମଣ୍ଡପ ଜାହାଙ୍ଗିର ଓ ସୋହଡ଼ା ଠାରେ ଥିବା ଦୁର୍ଗା ମଣ୍ଡପ ମାନଙ୍କରେ ମା' ବାସନ୍ତି ଦୁର୍ଗାଙ୍କ ପଂଚଦିବସୀୟ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲେ ମଧ୍ୟ କରୋନାର ଦ୍ୱିତୀୟ ଲହର ପାଇଁ କୋଭିଡ଼ କଟକଣା ହେତୁ ଫିକାପଡ଼ିଥିବା ଜଣାଯାଇଛି । ବିନା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମା'ଙ୍କର ପୂଜା ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ନିରାଡ଼ମ୍ବର ଭଷାଣି ଉତ୍ସବ ଅନୁଷ୍ଠିତ ହେବବୋଲି ସୂଚନା ମିଳିଛି ।

୧୦ମ ଦିନରେ ଅଣ୍ଡାଇଲୋ ଗ୍ରାମର ମଧୁଗଣେଷ ପୂଜା

ଖଇରା,୨୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧୁ ଗଣେଷ ପୂଜା ପାରମ୍ପରିକ ରିତିରେ ଶୈଷ ହୋଇଛି । ପୁରୁଷୋତ୍ତମ ଜେନା, ନିରଞ୍ଜନ ବିଶ୍ୱାଳ, ମନ୍ଦରଧର ନାୟକ, ଜୟଦେବ ବିଶ୍ୱାଳ, ଭରତ ପୃଷ୍ଟି ପ୍ରମୁଖଙ୍କ ଦ୍ୱାରା କଳସ ଅଣାଯାଇଥିଲା । ପୂଜକ ରବିନ୍ଦ୍ର ଦାଶଙ୍କ ଦ୍ୱରା ବୁଧବାରର ନବମୀ ଓ ଗୁରୁବାରର ଦଶମୀ ପୂଜା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଳ୍ପ କିଛି ଭକ୍ତଙ୍କ ମଧ୍ୟରେ ଶେଷ ହୋଇଥିଲା । ସନ୍ଧ୍ୟାରେ ଭଜନକୀର୍ତ୍ତନ ପରିବେଷଣ କରାଯାଇଥିଲା । ମାନସ ଭଞ୍ଜଙ୍କ ସମେତ ସମସ୍ତ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ ।

ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୬,୫୧,୭୧୧ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୨/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୬,୫୧,୭୧୧ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୨୭,୨୭,୦୫,୧୦୩ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି।

ବଢୁଛି ସଂକ୍ରମଣ : ରାଜଧାନୀରେ ଆଉ ୫୯୦ ପଜିଟିଭ୍

ଭୁବନେଶ୍ୱର,୨୨/୦୪ (ନି.ପ୍ର): ରାଜଧାନୀରେ କାୟା ବିସ୍ତାର କରୁଛି କରୋନା । ଭୁବନେଶ୍ୱରରେ ଗୁରୁବାର ଆଉ ୫୯୦କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ସଂଗରୋଧରୁ ୧୩୦ ଓ ସ୍ଥାନୀୟ ଅଟ୍ଟଳରୁ ୪୬୦ସଂକ୍ରମିତ ଅଛନ୍ତି । ସେହିପରି ଭୁବନେଶ୍ୱରରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଟପିଛି । ଅପରପକ୍ଷରେ ୨୪ ଘଂଟାରେ ୧୩୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭ ହଜାର ୭୯୪କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୩୩ ହଜାର ୪୮୭କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୪୦୩୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୦ ରହିଛି । ଗୁରୁବାର ଚିହ୍ନଟ ୪୬୦ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ପଟିଆରୁ ସର୍ବାଧିକ ୪୬ , ଓଲ୍ଡ ଟାଉନ୍ ରୁ ୩୩, ନୟାପଲ୍ଲୀରୁ ୨୫, ଖଣ୍ଡଗିରିରୁ ୨୦, ଲକ୍ଷ୍ମୀସାଗରରୁ ୧୯, ପୋଖରୀପୁଟ ଓ ଚନ୍ଦ୍ରଶେଖରପୁରରୁ ୧୪ ଲେଖାଏଁ ସଂକ୍ରମିତ ରହିଛନ୍ତି ।

ଜିଲା ଶିକ୍ଷାଧିକାରୀଙ୍କ ସହ ସଂଘ ପ୍ରତିନିଧିଙ୍କ ଆଲୋଚନା

ବାରିପଦା,୨୨/୦୪ (ନି.ପ୍ର): ଜିଲା ଶିକ୍ଷାଧିକାରୀ ପ୍ରଦୋଷ ନାୟକଙ୍କ ସହ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସମସ୍ୟା ମଧ୍ୟରେ ମେଟ୍ରିକ ସିଟି, ୩୦ ବର୍ଷିୟା ଏମଏସପି, ଜିଲ୍ଲାରେ କାର୍ଯ୍ୟରତ ଶିକ୍ଷକଙ୍କ ସର୍ଭିସ ବୁକ୍ ନିୟମିତ କରିବା, ୨୦୧୯କ୍ୟାଡର ରୁଲ ଅନୁସାରେ ପଦୋନ୍ନତି ସମୟରେ ରହିଥିବା ତ୍ରୁଟି ସମାଧାନ କରିବା, ୨୦୦୧ରୁ ଏନପିଏସ ଶିକ୍ଷକଙ୍କ ରହିଥିବା ବ୍ୟବଧାନକୁ ଆଜି ପର୍ଯ୍ୟନ୍ତ ଅପଡେଟ୍ କରିବା, ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ବ୍ଲକ ଶିକ୍ଷାକାରୀ ପଦ ପୂରଣ କରିବା ସହିତ ସେସନ ଅଫିସର ଓ ଆସିଷ୍ଟାଣ୍ଟ ସେକସନ ଅଫିସର ପଦ ପୂରଣ କରିବା, ସର୍ବଶିକ୍ଷା ଅଧିନରେ ସମାପ୍ତ ହୋଇଥିବା ନିର୍ମାଣ କାର୍ଯ୍ୟର ଫାଇନାଲ ବିଲ, ଅବସର ଗ୍ରହଣ କରୁଥିବା କିମ୍ବା ମୃତ୍ୟୁ ବରଣ କରୁଥିବା ଶିକ୍ଷକଙ୍କ ତୁରନ୍ତ ଏନଡିସି ପ୍ରଦାନ ବାବଦରେ ଆଲୋଚନା ହୋଇଥିଲା । ଆଲୋଚନାରେ ଜିଲା ସଭାପତି ଆରତ କୁମାର ପରିଡ଼ା, ସାଧାରଣ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ, ସଂଗଠନ ସମ୍ପାଦକ ବଳରାମ ନାଥ, ଉପ ସଭାପତି ରଞ୍ଜନ କୁମାର ବାରିକ, ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରବାସୀ ଓଡିଆଙ୍କୁ ନେଇ ଆସିଥିବା ବସ ଅଟକ

ଖଇରା,୨୨/୦୪ (ନି.ପ୍ର): ତାମିଲନାଡୁର କୋୟମ୍ବାତୁରରୁ ପ୍ରବାସୀ ଓଡିଆଙ୍କୁ ନେଇ ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ଅଞ୍ଚଳକୁ ଆସିଥିବା ଏକ ବସକୁ ଖଇରା ପୋଲିସ ବୁଧବାର ରାତିରୁ ଖଇରା ଥାନାରେ ଅଟକ ରଖିଛି । ଉକ୍ତ ବସଟି ଖଇରା ଅଞ୍ଚଳରୁ ସେଠାରେ କାର୍ଯ୍ୟ କରୁଥିବା ପ୍ରବାସୀଙ୍କୁ ନେଇ ଆସିଥିବା ବେଳେ ପୁନଶ୍ଚ ଆଉ କିଛି ପ୍ରବାସୀଙ୍କୁ ସାଥିରେ ଧରି ତାମିଲନାଡୁ ଯିବାର ଯୋଜନା ରଖି ହରିପୁର ନିକଟରେ ବୁଧବାର ରାତିରେ ଛିଡା ହୋଇଥିଲା । ପରେ କିଛି ଗ୍ରାମବାସୀ ଖଇରା ପୋଲିସକୁ ଖବର ଦେବା ପରେ ପୋଲିସ ବସଟିକୁ ଜବତ କରି ଥାନାକୁ ନେଇ ଆସିଥିଲେ । ଏଥିସହ ଡ୍ରାଇଭର ଓ ହେଲପର,ସ୍ଥାନୀୟ ଯୁବକଙ୍କୁ ମଧ୍ୟ ଅଟକ ରଖିଛନ୍ତି । ତେବେ ବସର ଅନୁମତି ପତ୍ର, ଇନସ୍ୟୁରାନ୍ସ, ଲାଇସେନ୍ସ ସବୁକିଛି ଠିକ ଥିବାରୁ ଖୁବଶିଘ୍ର ତାକୁ ଛାଡି ଦିଆଯିବ ବୋଲି ଖଇରା ପୋଲିସ କହିଛି । ରାଜ୍ୟର ସମସ୍ତ ସୀମା ସିଲଥିବା ବେଳେ ବସଟି କିଭଳି ପ୍ରବେଶ କରି ପାରିଲା ଏବଂ ଆସିଥିବା ପ୍ରବାସୀଙ୍କୁ କାହିଁକି କ୍ୱାରାଣ୍ଟାଇନରେ ରଖାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଉଦଳା, ୨୨/୦୪(ନି.ପ୍ର) ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଆଜି ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇବା ସହିତ ଲୋକେ ଧାରଣାରେ ବସିଥିଲେ । ଘଟଣାସ୍ଥଳରେ ଉଦଳାସ୍ଥିତ କପ୍ତିପଦା ଉପଖଣ୍ଡ ଚିକିତ୍ସାଅଧିକାରୀ ପହଞ୍ଚିବାରୁ ଗ୍ରାମବାସୀ ମାନେ ତାଙ୍କୁ ଅଟକ ରଖିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦଳା ଥାନାର ଆରକ୍ଷୀ ନିରିକ୍ଷକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝା ବୁଝି କରିଥିଲେ । ଗ୍ରାମବାସୀଙ୍କ କହିବାନୁସାରେ ଏଠାରେ ଦିର୍ଘଦିନ ହେବ କେହି ଡ଼ାକ୍ତର ରହୁ ନାହାଁନ୍ତି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେବା ସହିତ ଉଦଳା ଡ଼ାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ଏପରିକି ଆଜି ଉଦଳା ପଞ୍ଚାୟତ ସମିତିର ସଦସ୍ୟ ରୁପାଏ ବାସ୍କେଙ୍କ ସହଧର୍ମିଣୀ ଅସୁସ୍ଥ ହେବାରୁ ସେ ଚିକିତ୍ସା ପାଇଁ ଆସି ଅସୁବିଧାରେ ପଡ଼ିଥିଲେ । ବାଧ ହୋଇ ସେ ଉଦଳା ଡ଼ାକ୍ତରଖାନାକୁ ଆସିଥିଲେ । ଫଳରେ ଗ୍ରାମବାସୀଙ୍କ ମହଲରେ ପ୍ରବଳ ଅସନ୍ତୋଷ ଖେଳିଯିବା ସହିତ ଉତେଜନା ପ୍ରକାଶ ପାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ୧୪ ଦିନିଆ ....

ବାଧ୍ୟତାମୂଳକ ଭାବେ ୧୪ଦିନ ରହିବାକୁ ପଡ଼ିବ । କ୍ଲଷ୍ଟର ଟିଏମସିରେ ଆବଶ୍ୟକ ସୁବିଧାସୁଯୋଗ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଲୋକମାନେ ପଶ୍ଚିମବଙ୍ଗରୁ ଅନ୍ୟ ରାଜ୍ୟ ଦେଇ ଓଡ଼ିଶା ଆସୁଥିବା ଲୋକଙ୍କୁ ମଧ୍ୟ ଓଡ଼ିଶାରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଯଦି କେହି ପଶ୍ଚିମବଙ୍ଗରୁ ଆସି କ୍ୱାରେଂଟାଇନରେ ନରହିଛି ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ଥାନୀୟ ୱାର୍ଡମେମ୍ବର, ସରପଂଚ ଓ ପଂଚାୟତିରାଜ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିବା ସହ ସ୍ଥାନୀୟ ବିଡିଓ, ପୁଲିସ ଷ୍ଟେସନକୁ ଜଣାଇବାକୁ କୁହାଯାଇଛି । ପଶ୍ଚିମବଙ୍ଗରୁ ବିମାନରେ ଭୁବନେଶ୍ୱର ଓ ଝାରସୁଗୁଡ଼ା ଆସୁଥିଲେ ମଧ୍ୟ ୧୪ ଦିନ କ୍ୱାରେଂଟାଇନ ରହିବାକୁ ପଡ଼ିବ । ପଶ୍ଚିମବଙ୍ଗ ଫେରନ୍ତା ସିଧାସଳଖ ନିଜ ଇଚ୍ଛାରେ ଘରକୁ ଯାଇପାରିବେ ନାହିଁ ।

ଅକ୍ସିଜେନ ଯୋଗାଣ ଓ ଟିକାକରଣ....

ଅନ୍ୟପଟେ ଲକଡାଉନ୍ କୁ ନେଇ ସୁପ୍ରିମକୋର୍ଟ କହିଛନ୍ତି କି ଲକଡାଉନ ଲଗାଇବାର ଅଧିକାର ରାଜ୍ୟ ସରକାରଙ୍କ ପାଖରେ ରହିବା ଉଚିତ୍ । ଅନ୍ୟପଟେ ଅକ୍ସିଜେନ୍ ଯୋଗାଣ, ଆବଶ୍ୟକ ଔଷଧ ଯୋଗାଣ ଓ ଟିକାକରଣର ତରିକା ଏବଂ ପ୍ରକ୍ରିୟା ଓ ଲକଡାଉନ ଉପରେ ବିଚାର କରିବାକୁ ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି । କହିରଖୁ କି ଦେଶରେ ଏବେ କରୋନା ସ୍ଥିତି ଅଣାୟତ ଅବସ୍ଥାରେ ପହଂଚିଛି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ଦୈନିକ କରୋନା ସଂକ୍ରମଣ ୩ ଲକ୍ଷ ପାର କରିଛି । ଏହାସହ ୨ ହଜାରରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ

ବାଲେଶ୍ୱର, ଶୁକ୍ରବାର, ୨୩ ଅପ୍ରେଲ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କରୋନା ଲଢ଼େଇରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରନ୍ତୁ କୁଳପତି : ରାଜ୍ୟପାଳ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ବୈଶ୍ୱିକ ମହାମାରୀ କରୋନା ବିରୋଧରେ ଲଢ଼େଇରେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି । ବ୍ୟାପକ ଜନ ସଚେତନତା ସୃଷ୍ଟି ସହିତ ସ୍ଥାନୀୟ ପ୍ରଶାସନର ସହଭାଗିତାରେ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ଭିତିଭୂମିର ସଦୁପଯୋଗ ପାଇଁ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ପରାମର୍ଶ ଦେଇଛନ୍ତି । ଗୁରୁବାର ଦିନ ରାଜ୍ୟପାଳ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କ ସହ ଭର୍ଚୁଆଲ ମୋଡ଼ରେ ସ୍ଥିତିର ସମୀକ୍ଷା କରିବା ସହିତ କରୋନା ବିରୋଧି ଲଢ଼େଇରେ ପ୍ରଭାବଶାଳୀ କ୍ରିୟାଶୀଳ ଭୂମିକା ଗ୍ରହଣ କରିବାକୁ କହିଛନ୍ତି । ହୋର୍ଡ଼ିଂ, ପ୍ରଚାରପତ୍ର ମାଧ୍ୟମରେ ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି । ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ନୂତନ ନିର୍ମାଣ ନକରିବାକୁ ଓ ଆର୍ଥିକ ମିତବ୍ୟୟତାକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ପରାମର୍ଶ ଦେବା ସହ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଠିକ୍ ସମୟରେ ସାର୍ଟିଫିକେଟ୍ ପ୍ରଦାନ, ଗବେଷଣାକୁ ପ୍ରୋତ୍ସାହନ ଓ ସ୍କଲାରମାନଙ୍କୁ ଗାଇଡ଼ ଆବଂଟନ, ପେନ୍‌ସନ ମାମଲାର ତ୍ୱରିତ ସମାଧାନ ଓ ଡ଼ିଜିଟାଲ ମାଧ୍ୟମରେ କାର୍ଯ୍ୟ ସଂପାଦନ ପାଇଁ ରାଜ୍ୟପାଳ କହିବା ସହ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ମାମଲାର ଫଏସଲା, ବିଶେଷ କରି ପେନ୍‌ସନ କେସ୍‌ଗୁଡ଼ିକର ତ୍ୱରିତ ଫଏସଲା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତିମାନେ ଆଲୋଚନାରେ ଅଂଶଗ୍ରହଣ କରି ସାଂପ୍ରତିକ ସ୍ଥିତି ଓ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ଚିତରଂଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ।

କଂଗ୍ରେସ ଖୋଲିଲା କୋଭିଡ୍ କଂଟ୍ରୋଲ ରୁମ୍

ଭୁବନେଶ୍ୱର,୨୨/୦୪ (ନି.ପ୍ର): କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲାଯାଇଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ୫ ଜଣିଆ କମିଟି ଗଠନ କରିଛନ୍ତି । ଏହି କମିଟି କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମାପନ କରିବେ ବୋଲି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟିରେ ପଦ୍ମାକର ଗୁରୁ (ମୋ - ୬୩୭୦୯୬୫୯୭୮) ସଂଯୋଜକ ଥିବାବେଳେ ସୁବ୍ରତ ମହାପାତ୍ର (ମୋ - ୯୧୩୨୭୮୫୬୨୪), ଲିଙ୍ଗରାଜ ସାହୁ (ମୋ - ୯୨୩୭୦୧୦୯୩୯), ପ୍ରମୋଦ କୁମାର ସାହୁ (ମୋ - ୭୦୦୮୭୮୮୬୭୭) ଓ ତରୁଣକାନ୍ତ ମିଶ୍ର (ମୋ - ୯୪୩୭୧୯୨୧୬୧) ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି । ଏହି କଂଟ୍ରୋଲ ରୁମ ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ବିଗୁଡ଼ୁଛି ବାଲେଶ୍ୱରର କୋଭିଡ ସ୍ଥିତି
ଦିନକରେ ଚିହ୍ନଟ ୭୮ ନୂଆ କରୋନା ପଜିଟିଭ

ବାଲେଶ୍ୱର,୨୨/୦୪ (ନି.ପ୍ର): ସଙ୍ଗୀନ ଅଭିମୁଖେ ଯାଉଥିବା ରାଜ୍ୟରେ ଦ୍ୱିତୀୟ ଲହର କରୋନା ସ୍ଥିତିକୁ ନେଇ ଏବେ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି । ଓଡ଼ିଶାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୬ହଜାର ଟପିଥିବା ବେଳେ ଆଗାମୀ ଦିନର ସମ୍ଭାବ୍ୟ ସ୍ଥିତି ଉଭୟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଅନୁରୂପ ଭାବେ ବାଲେଶ୍ୱରର ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ଚିହ୍ନଟ ୭୮ ଜଣ ନୂଆ ପଜିଟିଭ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ସହରର ମଣ୍ଡଳ ବଗିଚା ଅଞ୍ଚଳରୁ ୪ ଜଣ, ଗୋପାଳଗାଁର ୨ ଜଣ, ଅଙ୍ଗାର ଗଡିଆ, ବଟେଶ୍ୱର, ମାନସିଂବଜାର, ମିଶନ କମ୍ପାଉଣ୍ଡ, ରାଣୀପାଟଣା ପ୍ରଭୃତି ଅଂଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକର ବିଭିନ୍ନ ଅଂଚଳରୁ ମୋଟ ୨୨ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି । ରେମୁଣା ବ୍ଲକର ସାହୁପଡାରୁ ୨ ଜଣ, ଶ୍ରୀକଂଠପୁରରୁ ୩ଜଣ, କଦମସାହିରୁ ୨ ଜଣ ଓ ହାତିଆଗଣ୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି । ସାହୁପଡା ଅଂଚଳରୁ ତିନିଦିନ ମଧ୍ୟରେ ମୋଟ ୨୫ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହେବା ଯୋଗୁଁ ସ୍ଥାନୀୟ ଅଂଚଳରେ ଆତଙ୍କ ଦେଖାଦେଇଛି । ଅନୁରୂପ ଭାବେ ସୋର ବ୍ଲକରୁ ୧୪ ଜଣ, ଜଳେଶ୍ୱର ବ୍ଲକରୁ ୪ ଜଣ, ଔପଦା ବ୍ଲକରୁ ୧୧ ଜଣ, ସିମୁଳିଆ, ବସ୍ତା, ଭୋଗରାଇ ଓ ବାଲିଆପାଳ ବ୍ଲକରୁ ଜଣେ ଲେଖାଏଁ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଏହି ସଂକ୍ରମଣ ଆଗାମୀ ଦିନରେ ଆହୁରି ବଢିବାର ଆଶଙ୍କା ଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏଥିପାଇଁ ଜନସାଧାରଣ ସତର୍କତା ଅବଲମ୍ବନ ସହ ସର୍ବଦା ମାସ୍କ ବ୍ୟବହାର ଓ ସମାଜିକ ଦୂରତା ରକ୍ଷା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି । କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସର୍ବଦା ମାସ୍କ ବ୍ୟବହାର ସହ ସାମାଜିକ ଦୂରତା ରକ୍ଷା ନିମିତ୍ତ ମାନିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

ଭୁବନେଶ୍ୱରରେ ରାପିଡ ରେସ୍ପନସ ଟିମ୍ ସଂଖ୍ୟା ୩୯କୁ ବୃଦ୍ଧି

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ଆରଆରଟି ବା ରାପିଡ ରେସ୍ପନସ ଟିମ୍ ସଂଖ୍ୟା ବୃଦ୍ଧି ପରାଯାଇଛି । ବର୍ତମାନ ବିଏମସିର ୬୭ଟି ୱାର୍ଡ ପାଇଁ ୩୯ଟି ଆରଆରଟି ଟିମ ଗଠିତ ହୋଇଛି ବୋଲି ବିଏମସିର ଅତିରିକ୍ତ କମିସନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି । ତିନୋଟି ଜୋନ୍ ପାଇଁ ୧୩ଟି ଲେଖାଏଁ ଟିମ୍ ରହିବେ । ପୂର୍ବରୁ ପ୍ରତି ଜୋନ୍ ରେ ୮ଟି ଲେଖାଏଁ ହିସାବରେ ୨୪ଟି ଆରଆରଟି ଥିଲା । ସୂଚନା ଅନୁଯାୟୀ ପ୍ରତି ଟିମ୍ ରେ ଅଛନ୍ତି ଜଣେ ଲେଖାଏଁ ଆୟୁଷ ଡାକ୍ତର, କୋଭିଡ ସଚେତକ ଓ ଜଣେ ଏଏନମ । ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା, ତଥ୍ୟ ସଂଗ୍ରହ ଓ ଔଷଧ ବାଂଟିବା କାର୍ଯ୍ୟରେ ଏହି ଟିମ୍ ନିୟୋଜିତ । ଏହାସହ ପ୍ରତି ଜୋନରେ ଗୋଟିଏ ସ୍ୱତନ୍ତ୍ର ସେଂଟ୍ରାଲ ଟିମ୍ ମଧ୍ୟ ରହିଛି ଯାହା ସୋସିଆଲ ମିଡିଆ ଓ ହ୍ୱାଟସଅପ୍ ଗ୍ରୁପ ଜରିଆରେ ନିୟନ୍ତ୍ରଣ କରୁଛି । ସେହିପରି କଂଟାକ୍ଟ ଟ୍ରେସିଂ ଟିମ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି । ସ୍ୱତନ୍ତ୍ର କୋଭିଡ ଆମ୍ବୁଲାନ୍ସ ସଂଖ୍ୟା ୧୮ରୁ ୨୮କୁ ବୃଦ୍ଧି ହୋଇଛି । ଭୁବନେଶ୍ୱରରେ ୫ହଜାର ଶଯ୍ୟା ବ୍ୟବସ୍ଥା କରିବାକୁ ଟାର୍ଗେଟ ରଖିଛି ବିଏମସି । ଆବଶ୍ୟକତା ଅନୁଯାୟୀ ହସ୍ପିଟାଲ ସହିତ ଶଯ୍ୟା ସଂଖ୍ୟା ଓ ଅକ୍ସିଜେନ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଥିବା ବିଏମସିର ଅତିରିକ୍ତ କମିଶନର କହିଛନ୍ତି ।

ଭୋଗୁପୁର ଗ୍ରାମରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଖଇରା,୨୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଭୋଗୁପୁର ଗ୍ରାମରେ ଗୁରୁବାର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଆବାହକତ୍ୱରେ ବିଶ୍ୱ ଧରିତ୍ରୀ ଦିବସ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ବେହେରା, କରୁଣାକର ବେହେରା, ରମେଶ ବାରିକ, ବାବୁ ବେହେରା ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ,ପ୍ଲାଷ୍ଟିକର ପୁନଃ ବ୍ୟବହାର ସାଙ୍ଗକୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା ରଖିଥିଲେ । ପରେ ଗ୍ରାମରେ ବୃକ୍ଷ ରୋପଣ କରାଯିବା ସହ ଗ୍ରାମ ପରିବେଶକୁ ସଫା ସୁତୁରା କରାଯାଇଥିଲା । ଖଇରା୪-ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ପରିବେଶକୁ ସଫା ସୁତୁରା କରାଯାଉଛି ।

ମିଠାମିସ୍ତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲେଶ୍ୱର,୨୨/୦୪ (ନି.ପ୍ର): ବାଲେଶ୍ୱର ସହରର ପୋର୍ଟ ରୋଡ଼ସ୍ଥିତ ଏକ ମିଷ୍ଟାନ ଭଣ୍ଡାରରେ କାର୍ଯ୍ୟରତ ଜଳଖିଆ ମିସ୍ତ୍ରୀଙ୍କର ଗୁରୁବାର ଅସ୍ୱାଭାବିକ ମୃତ୍ୟୁ ହୋଇଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ସଦର ଥାନା ଅନ୍ତର୍ଗତ ଭୀମପୁର ଜେନାସାହିର ସ୍ୱର୍ଗତ କାହ୍ନ ଜେନାଙ୍କ ପୁତ୍ର ନାରାୟଣ ଜେନା(୪୪) । ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ଦୋକାନର ଭାଟିଘରେ ମିଠା ତିଆରି କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ ସହ ସେ ତଳେ ଗଡ଼ିପଡ଼ି ଚେତା ହରାଇଥିଲେ । ଦୋକାନ ମାଲିକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଯାଇଥିଲେ । ମାତ୍ର ଏଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ । ଦୋକାନ ମାଲିକଙ୍କ ସହ ଦୀର୍ଘ ସମୟର ଆଲୋଚନା ପରେ ଆର୍ଥିକ ସହାୟତା ପ୍ରଦାନ ନେଇ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିବା ବେଳେକୁ ସମୟ ହୋଇଯାଇଥିବା କାରଣୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନଥିଲା । ମୃତ ନାରାୟଣଙ୍କର ୧୦/୧୨ ବର୍ଷର ଦୁଇ ପୁଅ ଓ ୭ ବର୍ଷର ଏକ କନ୍ୟା ଅଛି । ଅତ୍ୟନ୍ତ ଗରିବ ହୋଇଥିବା କାରଣରୁ ତାଙ୍କର ପରିବାରକୁ ସରକାରୀ ଦହାୟତା ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୨୨/୦୪ (ନି.ପ୍ର): ବିଭିନ୍ନ ଦାବିନେଇ ଆତ୍ମାହୁତି ଦେଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା, ସମ୍ପାଦକ ପ୍ରଦୀପ କୁମାର ଗାଆଣ, ବରିଷ୍ଠ କର୍ମଚାରୀ ସୁଶାନ୍ତ କୁମାର ଦାସ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସାଂଗଠନିକ କାର୍ଯ୍ୟଧାରା ଓ ସମଗ୍ର ବିଶ୍ୱିଦ୍ୟାଳୟ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଜୀବନ ଦାନ ଭଳି ନିଷ୍ପତି ବିରଳ ବୋଲି କହିଥିଲେ । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ଉଦାସୀନତା ପାଇଁ ଦୀନବନ୍ଧୁ ମିଶ୍ରଙ୍କ ଭଳି ବ୍ୟକ୍ତିତ୍ୱ ଶେଷରେ ନିଜର ଜୀବନ ଦେବାକୁ ପଛାଇଲେ ନାହିଁ । ଏହା ସରକାରଙ୍କ ପାଇଁ ଏକ ଶିକ୍ଷା ବୋଲି କର୍ମଚାରୀମାନେ ମତ ପ୍ରକାଶ କରିଥିଲେ । ତେବେ ସ୍ୱର୍ଗତ ମିଶ୍ରଙ୍କ ପରିବାରକୁ ଦୁଃଖ ସହିବା ପାଇଁ ଭଗବାନ ଧୈର୍ଯ୍ୟ ଓ ଶକ୍ତି ଦିଅନ୍ତୁ ବୋଲି ସେମାନେ କାମନା କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସମସ୍ତେ ଦୁଇମିନିଟ ନିରବ ପ୍ରାର୍ଥନା ମାଧ୍ୟମରେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ନରିପୁରରେ ଶ୍ରୀରାମ ନବମୀ, ମାସେ ବ୍ୟାପୀ ପାଳିତ

ଭଦ୍ରକ,୨୨/୦୪ (ନି.ପ୍ର): ଭଦ୍ରକ ସହର ନରିପୁର ଗ୍ରାମ ସ୍ଥିତ ଶହେ ବର୍ଷରୁ ଊର୍ଦ୍ଧ୍ୱ ଶ୍ରୀରାମ ସ୍ଥାୟୀ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି । ତ୍ରିଦିବସ ବ୍ୟାପୀ ହୋମଯଜ୍ଞ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜା କର୍ମରେ ଗ୍ରାମବାସୀ ପ୍ରତ୍ୟହ ଉପସ୍ଥିତ ରହି ପୂଜାରେ ସହଭାଗୀ ହେଉଥିବା ବେଳେ ସନ୍ଧ୍ୟା ଆଳତି ଦର୍ଶନ କରିଥାନ୍ତି । ତେବେ ଏହି ଶ୍ରୀରାମ ନବମୀ ଠାରୁ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇଥାଏ । ପ୍ରତିଦିନ ଘରପିଛା ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନାର ଦାୟିତ୍ୱ ବହନ କରି ପ୍ରସାଦ ଭୋଗ କରିଥାଆନ୍ତି । ଏହି ପାଳିଭୋଗ ଦୀର୍ଘ ୧ ମାସ ଧରି ଲାଗି ରହିଥାଏ ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ରାୟଗଡ଼ ଜିଲ୍ଲା ପ୍ରତିନିଧି ତଥା ବିଶିଷ୍ଟ ଲେଖକ ଡମ୍ବରୁଧର ପଟ୍ଟନାୟକଙ୍କ ଅକାଳ ବିୟୋଗ

ବାଲେଶ୍ୱର,୨୨/୦୪ (ନି.ପ୍ର): ଲୋକପ୍ରିୟ ସାହିତ୍ୟିକ, ସାରସ୍ୱତ ସଂଗଠକ ଓ ବିଶିଷ୍ଟ ସଂଗ୍ରାହକ ଭାବେ ଖ୍ୟାତି ଅର୍ଜନ କରିଥିବା ତଥା ସମ୍ପ୍ରତି ରାଜୟଗଡ଼ ଜିଲ୍ଲାରୁ ଜିଲ୍ଲାପ୍ରତିନିଧି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ରହିଥିବା ଡମ୍ବରୁଧର ପଟ୍ଟନାୟକଙ୍କ ଆଜି ସକାଳେ କରୋନା ଜନିତ ମହାମାରୀରେ ଅକାଳ ବିୟୋଗ ଘଟିଛି । ଏହି ଦୁଃସମ୍ବାଦ ମିଳିବା ପରେ ସମଗ୍ର ଓଡ଼ିଶାର ସାହିତ୍ୟ ଜଗତରେ ଗଭୀର ଶୋକର ଛାୟା ଖେଳି ଯାଇଥିବା ବେଳେ ତାଙ୍କସହ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ଥିବା କବି କାଳୀପଦ ପଣ୍ଡା ଗଭୀର ଶୋକବ୍ୟକ୍ତ କରି ତାଙ୍କ 'ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ' ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛନ୍ତି । ଶ୍ରୀ ପଣ୍ଡା ତାଙ୍କର ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ, ଡମ୍ବରୁଧର ବାବୁ ବୃତ୍ତିଗତ ଜୀବନରେ ଓଡ଼ିଶାସରକାରଙ୍କର ବାଣିଜ୍ୟକର ବିଭାଗରେ ପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ହେଁ ତାଙ୍କର ସମଗ୍ର ଜୀବନ ଥିଲା ଓଡ଼ିଆ ଭାଷା-ସାହିତ୍ୟର ସେବାରେ ସମର୍ପିତ । ଜଣେ ବ୍ୟଙ୍ଗଶିଳ୍ପୀ, କବି, ଗାଳ୍ପିକ, ସମାଲୋଚକ, ଫିଚର ଲେଖକ ଓ କିଶୋର ସାହିତ୍ୟର ସ୍ରଷ୍ଟା ଭାବେ ଥିଲେ ସର୍ବଜନବିଦିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତାଙ୍କଦ୍ୱାରା ରଚିତ ବ୍ୟଙ୍ଗ ଚଟକଣି, କିଶୋରଧାରା, ତେର୍‌ଛା ନଜର, ସୁନ୍ଦରୀ ଝିଅର ଓଢ଼ଣୀ ନାଇଁ, ଜୀବନର ଶେଷଦୁଃଖ ଆଦି ବହୁ ପୁସ୍ତକ ତାଙ୍କୁ ଜଣେ ଯଶସ୍ୱୀ ସ୍ରଷ୍ଟାର ଗୌରବ ଆଣି ଦେଇଥିବା ବେଳେ ଜଣେ ସଂଗ୍ରାହକ ଭାବେ ତାଙ୍କର ଜନ୍ମସ୍ଥାନ ରାୟଗଡ଼ରେ ନିଜ ବାସଭବନକୁ 'ସାହିତ୍ୟାୟନ' ରଖି ସାବିତ୍ରୀ ପାଠାଗାର ପ୍ରତିଷ୍ଠା କରି ସେଥିରେ ହଜାର ହଜାର ପୁସ୍ତକ ଓ ପତ୍ରପତ୍ରିକା ସାଇତି ରଖିଥିଲେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ । ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱକାଳର ସାରସ୍ୱତ ସାଧନା ପାଇଁ ଫକୀରମୋହନ ସାହିତ୍ୟପରିଷଦ, ରାଷ୍ଟ୍ରଦୀପ, ସୁଲେଖା ଆଦି ଅନୁଷ୍ଠାନମାନଙ୍କରୁ ପୁରସ୍କୃତ ହୋଇଥିଲେ । ୧୯୬୯ମସିହା ଅଗଷ୍ଟ ୯ତାରିଖରେ ରାୟଗଡ଼ ଠାରେ ଜନ୍ମିତ କବି ପଟ୍ଟନାୟକଙ୍କର ୫୨ବର୍ଷ ବୟସରେ ଆଜି ଅକାଳ ନିଧନ ଘଟିଛି ।

ଉଦଳାରେ ସ୍ଥାୟୀ ଶ୍ମଶାନ ଘାଟ ନିର୍ମାଣ ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

ଉଦଳା,୨୨/୦୪ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସମସ୍ତ ସଦସ୍ୟ ଆଜି ଉଦଳାସ୍ଥିତ , କପ୍ତିପଦା ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରିବା ସହିତ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାୟୀ ଶ୍ମଶାନ ଘାଟ ନିର୍ମାଣ କରାଯାଇନଥିବାରୁ ଲୋକେ ବାଧ ହୋଇ ଏଣେ ତେଣେ ଶବଦାହ କରୁଛନ୍ତି ଏବଂ ଏଥିପାଇଁ ପରିବେଶ ଉପରେ ପଡୁଥିବା କୁ ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷିତ ହେବାର ଦିର୍ଘ ୪୮ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶ୍ମଶାନ ଘାଟଟିଏ ନିର୍ମାଣ ନହେବା ଦୁଃଖଦାୟକ ବୋଲି ଟ୍ରଷ୍ଟର ସଦସ୍ୟ ମାନେ କହିଛନ୍ତି । ଏ ବାବଦରେ ପୂର୍ବରୁ